# ୮୦ ହେକ୍ଟର ଅଞ୍ଚଳରେ ହେନ୍ତାଳ ଚାରା ରୋପଣ ଲକ୍ଷ୍ୟ

ଭଦ୍ରକ, ୩୦।୩(ସମିସ): ଭଦ୍ରକ ଜିଲ୍ଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବାତ୍ୟା ନିରୋଧ ପାଇଁ ବ୍ୟାପକ ହେନ୍ତାଳ ବଣ ସୃଷ୍ଟି ପାଇଁ ପୂର୍ବ ସରକାର ବିଗତ ୩ ବର୍ଷରେ ବିଭିନ୍ନ ଯୋଜନା କରିଥିଲେ। ଏହା ମାଧ୍ୟମରେ ୫୦ ହେକ୍ଟର ପରିମିତ ସମୁଦ୍ର ଉପକୂଳରେ ହେନ୍ତାଳ ବଣ ସୃଷ୍ଟି ପାଇଁ ଚାରା ରୋପଣ କରାଯାଇଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲିର ବୈତରଣୀ ମୁହାଣ ଅଞ୍ଚଳରେ ଧାମରା ମୁହାଣଠାରୁ ବାସୁଦେବପୁରର ଇରମ ପର୍ଯ୍ୟନ୍ତ ହେନ୍ତାଳବଣ ବା ଲୁଣା ଜଙ୍ଗଲ ବିସ୍ତାରିତ। ଏହି ଜଙ୍ଗଲ ଏକ ପ୍ରାକୃତିକ ପ୍ରତିରୋଧକ ଭାବରେ ବାତ୍ୟାଜନିତ କ୍ଷୟକ୍ଷତିକୁ ହ୍ରାସ କରି ଜନଜୀବନକୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହେଉଥିବାରୁ ବିଗତ ୩ ବର୍ଷରେ ବିଭିନ୍ନ ଯୋଜନା ମାଧ୍ୟମରେ ଏହି ହେନ୍ତାଳ ବଣ ସୃଷ୍ଟି କରାଯାଇଛି। ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ୮୦ ହେକ୍ଟର ପରିମିତ ଅଞ୍ଚଳରେ ହେନ୍ତାଳ ଚାରାରୋପଣ କରିବାର ଯୋଜନା ରଖିଛନ୍ତି ବୋଲି ବିଧାନସଭା ଅଧିବେଶନରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପରୋକ୍ତ ସୂଚନା ଦେଇଛନ୍ତି।



# ଇଂ ଅଭିମନ୍ୟୁ ସାହୁଙ୍କ ପରଲୋକ

ଭଦ୍ରକ, ୩୦।୩(ସମିସ): ଭଦ୍ରକ ସାଲନ୍ଦୀନଗରର ଅଧିବାସୀ ତଥା ତିହିଡି ବ୍ଲକ ପାଳିଆବିନ୍ଧା ଜିଝାରପୁର ଗାଁର ମୂଳ ବାସିନ୍ଦା ଏବଂ ଟିସକୋ କମ୍ପାନୀ ଇଲେକଟ୍ରିକ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ ଅଭିମନ୍ୟୁ ସାହୁଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ଜାମସେଦପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ଭଦ୍ରକ ସାଲନ୍ଦୀ ନଗର ବାସଭବନକୁ ଶନିବାର ରାତିରେ ଅଣାଯାଇଥିଲା। ସାଲନ୍ଦୀ ନଗର ନାଗରିକ ପରିଷଦର ସଦସ୍ୟ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୁଖାଗ୍ନି ତାଙ୍କ ବଡପୁଅ ଅରୁଣ ସାହୁ ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ତରୁଣ ସାହୁ, ବୋହୂ ପ୍ରତିମା ସାହୁ, ନମ୍ରତା ସାହୁ, କନ୍ୟା ଅନିତା ଦାସ, ବବିତା ସାହୁ, ଜାମାତା ଅଜୟ ଦାସ, ସାମ୍ବାଦିକ ଅତିସ ବେହେରାଙ୍କ ସମେତ ତାଙ୍କ ସମ୍ପର୍କୀୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହୁ ଜଣେ ସାହିତ୍ୟିକ ତଥା ସଙ୍ଗଠକ ଭାବେ ମଧ୍ୟ ପରିଚିତ।



# କଂକ୍ରିଟ କାର୍ଯ୍ୟରେ ସିଞ୍ଚନ ହେଉନି ପାଣି



ବାରିକପୁର, ୩୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ଛତାବରଠାରୁ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ବଳୀଘାଇ ରାସ୍ତାର ଏବେ ପ୍ରଶସ୍ତୀକରଣ କାର୍ଯ୍ୟ ହେଉଛି। ରାସ୍ତାଟି ପୂର୍ବରୁ ଦୁଇ ଲାଇନ ଥିବା ବେଳେ ୩ ବର୍ଷ ପୂର୍ବେ ଏହାକୁ ଚାରି ଲାଇନ ବିଶିଷ୍ଟ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ଜଣେ ଠିକାଦାରଙ୍କ ଜରିଆରେ କାମ ଆରମ୍ଭ ହୋଇଥିଲେ ସୁଦ୍ଧା କିଛି ଦିନ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଥିଲା। ଅନେକ ଦିନ ପରେ ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଏବେ ରାସ୍ତାର କୁମ୍ଭାରିଆ ଛକଠାରୁ ମଞ୍ଜୁରୀ ଯାଏଁ କଙ୍କ୍ରିଟ ନିର୍ମାଣ ହେଉଛି। ପୂର୍ତ୍ତ ବିଭାଗରେ ଅଧିକାରୀ ମରୁଡି ଦେଖାଦେଇଥିବା ହେତୁ ଅନ୍ୟ ବ୍ଲକ ଦାୟିତ୍ୱରେ ଥିବା ଜଣେ ଯନ୍ତ୍ରୀ କାମ ତଦାରଖ କରୁଛନ୍ତି। ଯନ୍ତ୍ରୀ ଜଣଙ୍କ ମାସେ ପନ୍ଦର ଦିନରେ ମଧ୍ୟ କ୍ଷେତ୍ରକୁ ଆସୁ ନଥିବା ଜଣାପଡିଛି। ଭାଗ ମାପରେ କଂକ୍ରିଟ ନିର୍ମାଣ ହେଉଛି ତାହା ତା ପରର କଥା କିନ୍ତୁ ଏଥିରେ ଅନେକ ନିୟମ ଉଲ୍ଲଘଂନ ହେଉଥିବା ଜଣାପଡ଼ିଛି। ବିଶେଷ କରି ପକ୍କା କାମରେ ପାଣିର ଆବଶ୍ୟକତା ଅଧିକ ରହିଛି। ଏଠାରେ ନିର୍ମାଣ ପରବର୍ତ୍ତୀ ସମୟରେ କଂକ୍ରିଟ ଉପରେ ନିୟମିତ ପାଣି ସିଞ୍ଚନ ହେଉନାହିଁ। ତେଣୁ ଉହଡହ ଖରାରେ ଉତ୍ତପ୍ତ ହୋଇ ନିର୍ମିତ ପକ୍କା ରାସ୍ତାଟି ଅଳ୍ପ ଦିନରେ ନଷ୍ଟ ହେବ ବୋଲି ଅଭିଯୋଗ ହୋଇଛି।

# ବିଶାଳ ବାଇକ୍ ଶୋଭାଯାତ୍ରା ସହ ଗୋ ମାତା ଓ ସାଧୁସନ୍ଥ ପୂଜନ



ଶ୍ରୀରାମ ନବମୀ ମହୋତ୍ସବ-୨୦୨୫

ଭଦ୍ରକ, ୩୦।୩(ସମିସ): ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ପଞ୍ଚାୟତର ମଙ୍ଗଳାପଦା ହାଇସ୍କୁଲ ପ୍ରାଙ୍ଗଣରେ ଗୋ ମାତା ଓ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମଠ ମନ୍ଦିରରୁ ଆଗତ ୬୦ରୁ ଉର୍ଦ୍ଧ୍ୱ ସାଧୁସନ୍ଥ ସନ୍ୟାସୀ ଏବଂ ୫୦ରୁ ଉର୍ଦ୍ଧ୍ୱ ଗୋ ମାତାଙ୍କ ପୂଜନ କରାଯାଇଥିଲା। ପୂର୍ବାହ୍ନରେ ଗାନ୍ଧୀପଡ଼ିଆଠାରେ ଭୂମି ପୂଜନ ସରିବା ପରେ ସାଧୁସନ୍ଥଙ୍କୁ ସ୍ୱାଗତ କରି ଏକ ବିଶାଳ ମଟର ସାଇକଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଆରଡ଼ି ଛକ, ନଳାଙ୍ଗ ହୋଇ ରଙ୍ଗରାଜପୁର, କଞ୍ଚାପଡ଼ା, ଚୁନିଦା ପରିକ୍ରମା କରି ପୂଜନ ସ୍ଥଳୀକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁସନ୍ଥଙ୍କ ଦ୍ୱାରା ଗୋ ମାତାଙ୍କୁ ପୂଜନ କରାଯିବା ସହ ହିନ୍ଦୁ ନବବର୍ଷ ପାଳନ କରାଯାଇଥିଲା। ଉତ୍କୃଷ୍ଟ ଗୋ ମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସାଧୁସନ୍ଥମାନେ ମଙ୍ଗଳାପଦାରେ ପହଞ୍ଚିବା ପରେ ଗ୍ରାମର ମହିଳାମାନେ ଫୁଲ, ଚନ୍ଦନ ଦେଇ ଶଙ୍ଖ ହୁଳହୁଳି ପକାଇ, କୀର୍ତ୍ତନ କରି ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇ ଯାଇଥିଲେ। ସନାତନ ଧର୍ମର ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥମାନେ ଆଶୀର୍ବଚନ ପ୍ରଦାନ କରିବା ସହ ଗୌରବମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ, ବାବା ଦଣ୍ଡଧାରୀ ମହାରାଜ ହିନ୍ଦୁ ସମାଜ, ହିନ୍ଦୁତ୍ୱ, ହିନ୍ଦୁ ନବବର୍ଷ, ଗୋ ସେବା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପ ସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚୋନ ନାୟକ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ଆଇନଜୀବି ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସ୍ୱାଧୀନସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ, ରାମଚନ୍ଦ୍ର ପଣ୍ଡା, କେନ୍ଦ୍ରୀୟ ଗୋ ପୂଜନ ସଂଯୋଜକ ରଘୁନାଥ ସାହୁ, ଡା. ଦେବରାଜ ପାତ୍ର, କେନ୍ଦ୍ରୀୟ ସମିତିର ବରିଷ୍ଠ ସଦସ୍ୟ କୈଳାସ ଦାସ, ଭଗବାନ ପଣ୍ଡା, ବୃନ୍ଦାବନ ଜେନା, ରଞ୍ଜନ ବଳ, ବିଶ୍ୱରଞ୍ଜନ ଦାସ, ଭୁବନ ମୋହନ ମିଶ୍ର, ପ୍ରୟାସକାନ୍ତି ସାମଲ, ବିଭୁ ସ୍ୱାଇଁ, ସୁବାସ ମିଶ୍ର, ହୃଷୀକେଶ ନାଥ, ବସନ୍ତ ରାଉତ, ବିକାଶ ପାଢ଼ୀ, ବିଦ୍ୟାଧର ସାହୁ, ରଞ୍ଜିତା ସ୍ୱାଇଁ, ମନସ୍ମିତା ଖୁଂଟିଆ, କଳ୍ପନା ଜେନା, ମମତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାଧୁସନ୍ଥଙ୍କ ସ୍ୱାଗତ ପରିପ୍ରେକ୍ଷୀରେ ହୋଇଥିବା ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଂଗଠନ, ସଂଘର ବିବିଧ କ୍ଷେତ୍ର, କ୍ଲବ, ମେଢ଼ କମିଟିର ସଦସ୍ୟ ସାମିଲ ହୋଇଥିଲେ। ପ୍ରତାପ ଦାସ, ଦେବାଶ୍ୱଶୁ ରାଉତ, ସରୋଜ ରାଉତ, ଟୁକୁନା ସ୍ୱାଇଁ, ହୃଷୀକେଶ ଗୋସ୍ୱାମୀ, ଦେବବ୍ରତ ଦାସ, ଆନନ୍ଦ ଶଙ୍କର ଦାସ, ଜ୍ଞାନ ପାଣି, ବିଜୟ ଦାଶ, ସୁଧିର ଦ୍ୱିବେଦୀ, ଅପୂର୍ବ ବେହେରା, ରଶ୍ମିରଂଜନ ସାହୁ, ହେମନ୍ତ ମହାପାତ୍ର, ଜ୍ୟୋତିପ୍ରକାଶ ସାହୁ, ଶିବାନନ୍ଦ ଭଟ୍ଟାଚାର୍ଯ୍ୟ, ନିରଞ୍ଜନ ବାବୁ, ଅମିତ ମୁଖୀ, ନାରାୟଣ ଖଟୁଆ, ଓଁକାର ମହାନ୍ତି, ମୋହିତ ରାଉଳ, ଶ୍ୟାମ ମୁଣ୍ଡା, ସଞ୍ଜୟ ସାହୁ, ଆକାଶ ସାହୁ, ସାନୁ ଦାସ, ଜ୍ୟୋତିପ୍ରକାଶ ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ।



# ତିନି ସ୍ତ୍ରୀଙ୍କ ସ୍ୱାମୀ ନାବାଳିକା ଭାଣିଜୀଙ୍କ ଅପହରଣକାରୀ

**ଦୋବଲ, ୩୦।୩(ସମିସ):** ତିନୋଟି ମହିଳାଙ୍କୁ ବିବାହ କରି ସେମାନଙ୍କୁ ପ୍ରତାରଣା କରି ବିଦା କରିବା ପରେ ନିଜ ଭାଣିଜୀଙ୍କୁ ଶେଷରେ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଏବଂ ପ୍ରଲୋଭନ ଦେଖାଇ ଅପହରଣ କରିଥିବା ଅଭିଯୁକ୍ତର କାରନାମା ପଦାକୁ ଆସିଛି। ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ନାବାଳିକାକୁ ମଧ୍ୟ ଉଦ୍ଧାର କରିଛି। ସୂଚନା ଅନୁସାରେ, ଯାଜପୁର ଜିଲ୍ଲା ଦଶରଥପୁର ଥାନାଞ୍ଚଳର ଦିବାକର ଜେନାଙ୍କ ପୁଅ ପ୍ରଭାତ (୪୮) ବିଭିନ୍ନ ତିନି ଜଣ ମହିଳାଙ୍କୁ ବିବାହ କରିଛି। ପ୍ରଥମ ସ୍ତ୍ରୀଙ୍କ ୨ଟି ପୁଅ, ଦ୍ୱିତୀୟ ସ୍ତ୍ରୀଙ୍କ ଗୋଟେ ପୁଅ, ଦୁଇ ଝିଅ ଏବଂ ତୃତୀୟ ସ୍ତ୍ରୀଙ୍କ ଗୋଟେ ପୁଅ ଅଛନ୍ତି। ତେବେ ସେମାନଙ୍କୁ ଦୂରେଇ ରଖିଛି। ତାଙ୍କ ସହ କୌଣସି ସମ୍ପର୍କ ବି ନାହିଁ। ତିନୋଟି ସ୍ତ୍ରୀଙ୍କୁ ଛାଡି ପ୍ରଭାତ ନିଜ ଭଉଣୀ ଘରେ ରହୁଥିଲା। କିଛିଦିନ ରହିଲା ପରେ ପ୍ରଭାତ ନାବାଳିକା ଭାଣିଜୀ ଉପରେ ଖରାପ ନଜର ପକାଇଥିଲା। ପରେ ଅପହରଣ କରି କଲିକତାର ଦୁର୍ଗାପୁରର ଏକ ଭଡ଼ା ଘରେ ନେଇ ରଖିଥିଲା। ଝିଅର ପରିବାର ପକ୍ଷରୁ ଧାମନଗର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଭଦ୍ରକ ଏସପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସର ଏକ ଟିମ ଦୁର୍ଗାପୁର ଯାଇ ଉଭୟ ମାମୁ-ଭାଣିଜୀଙ୍କୁ ଠାବ କରିଥିଲା। ଶନିବାର ନାବାଳିକାକୁ ଡ଼ାକ୍ତର ମାଇନା କରାଯାଇ ଉଦ୍ରକରେ ଆଶ୍ରୟାନାରେ ରଖା ଯାଇଥିବା ବେଳେ ଅଧିକ ତଦନ୍ତ ପାଇଁ ପ୍ରଭାତକୁ ପଚରାଉଚରା କରାଯାଉଥିବା ତଦନ୍ତକାରି ଅଧିକାରୀ ରାଜେଶ ସେଠୀ ସୂଚନା ଦେଇଛନ୍ତି।

# ଭଦ୍ରକରେ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ କଲର୍ ବେଲ୍ଟ ଟେଷ୍ଟ

**ଭଦ୍ରକ, ୩୦।୩(ସମିସ):** ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ କଲର୍ ବେଲ୍ଟ ପରୀକ୍ଷା ରବିବାର ହେପ୍ପି ହୋମ୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ମୋଟ ୧୫୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲା ବେଳେ ୧୪୯ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ପରୀକ୍ଷକ ରୂପେ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଖୋର୍ଦ୍ଧାର ସମ୍ପାଦକ ଅଶୋକ ସାହୁ, ବରିଷ୍ଠ କ୍ରୀଡା ପ୍ରଶିକ୍ଷିକ ପ୍ରଭୁପାଦ ଖମାରୀ ଓ ପ୍ରଶିକ୍ଷିକା ତାରିଣୀ ସାହୁ ପରୀକ୍ଷା ପରିଚାଳନା କରିଥିଲେ। ସହଯୋଗ କରିଥିଲେ ଗୀତାଞ୍ଜଳି ପ୍ରଧାନ, ହରିହର ବାରିକ, ବାଣୀପ୍ରସନ୍ନ ପାଣିଗ୍ରାହୀ, ପ୍ରହ୍ଲାଦ ଦାସ, ଆଶୁତୋଷ ସାମଲ, ଦେବାଶିଷ ପହି, ଜ୍ଞାନରଞ୍ଜନ ବାରିକ, ଉମେଶଚନ୍ଦ୍ର ବାରିକ, ସୁରେଶଚନ୍ଦ୍ର ନାୟକ ଓ ସଂପାଦକ ଧନେଶ୍ୱର ଜେନା। ପରୀକ୍ଷା ପରେ ପ୍ରମାଣପତ୍ର ଓ କଲର୍ ବେଲ୍ଟ ପ୍ରଦାନ ଉତ୍ସବରେ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ଜ୍ୟୋତି କନଭେଣ୍ଟ ଅଧ୍ୟକ୍ଷ ଫାଦର୍ ଆଲେକ୍ସ୍, କାରମେଲ୍ ସ୍କୁଲ୍ ଅଧ୍ୟକ୍ଷ ସିଷ୍ଟର୍ ସେମା, ହେପ୍ପି ହୋମ୍ ସ୍କୁଲ୍ ନିର୍ଦ୍ଦେଶିକା ପ୍ରଜ୍ଞା ପରିମିତା ପଲାଇ, ତାଓ କୋଷାଧ୍ୟକ୍ଷା ସଂଘମିତ୍ରା ଦାଶ ଓ ବରିଷ୍ଠ ସଦସ୍ୟ ଆଇନଜୀବୀ ପବନ ଶର୍ମା ଯୋଗ ଦେଇଥିଲେ। ଏହି ଅବସରରେ ଭଦ୍ରକ ବାର୍ ଆସୋସିଏସନ୍ ନବନିର୍ବାଚିତ ସଭାପତି ସନ୍ତୋଷ ଆଚାର୍ଯ୍ୟ ଓ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ବାର୍ଷିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସାମାଜିକ କର୍ମୀ ବିଦ୍ୟାଧର ବାରିକ, ଭୂପେନ୍ଦ୍ର ବେହେରା, ୟୁନାଇଟେଡ୍ କ୍ଲବ୍ ସଂପାଦକ ବିଶାଳ ଗୋପାଳ ଲଖାନୀ, ସବୁଜ କ୍ଲବ୍ ସଂପାଦକ ଅଜୟ କୁମାର ଧଳ। ଶେଷରେ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକର କ୍ରୀଡାବିତ୍‌ମାନେ ଆକର୍ଷଣୀୟ ଢ଼ଙ୍ଗରେ ତାଏକ୍ୱୋଣ୍ଡୋ କଳା ପ୍ରଦର୍ଶିତ କରିଥିଲେ।






# ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର କର୍ମକର୍ତ୍ତା ଚୟନ



**ଭଦ୍ରକ, ୩୦।୩(ସମିସ):** ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ଏକ ଜରୁରୀ ବୈଠକରେ ନୂଆ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଚରମ୍ପା ସ୍କୁଲ ରୋଡ ପୂଜା ମଣ୍ଡପରେ ଶିକ୍ଷାବିତ୍ ଗଗନବିହାରୀ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗଗନବିହାରୀ ରାଉତ, ଉମାକାନ୍ତ ନାୟକ, ଶରତଚନ୍ଦ୍ର ମହାନ୍ତି ସଂଗ୍ରାମ କେଳରୀ ଦାସ, ପ୍ରଫୁଲ୍ଲ କୁମାର ସୂତ୍ରଧରଙ୍କୁ ମନୋନୀତ କରାଯାଇଥିବା ବେଳେ ସଭାପତି ଭାବେ ଲାୟନ୍ସ କ୍ଲବର ସେକେଣ୍ଡ ଗଭର୍ଣ୍ଣରର ସମାଜସେବୀ ଅଶୋକ କୁମାର ମହାନ୍ତି ଓ ସାରସ୍ୱତ ସଂଗଠକ ତଥା ମଞ୍ଚ କାର୍ଯ୍ୟକାରୀ ସମ୍ପାଦକ ବାବୁଲାଲ ଦାସ ସଂପାଦକ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଆଇନଜୀବୀ କୁଳମଣି ବେହେରା, କୋଷାଧ୍ୟକ୍ଷ ନାରାୟଣଚନ୍ଦ୍ର ପ୍ରଧାନ, ସହସଂପାଦକ ଦିଲ୍ଲୀପ କୁମାର ଆରଣ, ଶିକ୍ଷାବିତ୍ ଜଗବନ୍ଧୁ ବାରିକ ଓ କାର୍ଯ୍ୟକାରୀ ସଦସ୍ୟ ପୂର୍ବବତ୍ ରଖାଯାଇଛି। ଧନ୍ୟବାଦ ଦେଇଥିଲେ ଶିକ୍ଷାବିତ୍ ଅନନ୍ତ କୁମାର ନାୟକ।

# ଶ୍ରୀରାମଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ

**ଭଦ୍ରକ,୩୦।୩(ସମିସ):** ଚିନ୍ତା ଚେତନା ଆଧାତ୍ମିକ ପରିଷଦ ଆନୁକୂଲ୍ୟରେ ଭଦ୍ରକ ଶ୍ରୀଲୋକନାଥ ମନ୍ଦିର ପରିସରରେ ଗତ ୨୮ ତାରିଖରୁ ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ଏହା ପବିତ୍ର ଶ୍ରୀରାମ ନବମୀ ଦିନ ଉଦଯାପିତ ହେବ। ପୁରୋଧା ରାମନାରାୟଣ ମହାନ୍ତି ଓ ରତ୍ନା ମହାନ୍ତିଙ୍କ ଦ୍ୱାରା ଘଟ ସ୍ଥାପନ ପରେ ବ୍ୟାସଜୀ ଓମ୍ ପ୍ରକାଶ ଯୋଗୀ ଶ୍ରୀରାମ ଚରିତ ମାନସ ପାରାୟଣ ପରିବେଷଣ କରୁଛନ୍ତି। ପୂଜକ ବିଜୟ କୁମାର ପାଣି, ଅଜୟ କୁମାର ପାଣି, ସଞ୍ଜୟ କୁମାର ପାଣି ଓ ତ୍ରିନାଥ କର ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୮ରୁ ୧୪.୪.୨୫ ପର୍ଯ୍ୟନ୍ତ ଡ. ଗୁରୁପ୍ରସାଦ ମହାପାତ୍ର ଓ ଦ୍ୱିତୀୟ ପାଳିରେ ୨ରୁ ୬.୪.୨୫ ତାରିଖ ପର୍ଯ୍ୟନ୍ତ ଡ. ସାରଦା ପ୍ରସନ୍ନ କର ପ୍ରବଚନ ପରିବେଷଣ କରିବେ। ଉକ୍ତ କାର୍ଯ୍ୟକ୍ରମଟିକୁ ପରିଷଦର ସଭାପତି ହରମୋହନ କୁଅଁର, ଉପସଭାପତି ବ୍ରଜକିଶୋର ଦାସ ଓ ବୈଲୋଚନ ବେହୁରିଆ, ପ୍ରତିଷ୍ଠାତା ସଂପାଦକ ରାମନାରାୟଣ ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ସଭ୍ୟ ଶାନ୍ତନୁ ରାଉତ, ଉପେନ୍ଦ୍ର ରାଉତ, ଅଜିତ ନାୟକ, କରୁଣାକର ଉପାଧ୍ୟାୟ, ଆଦିତ୍ୟ ନାୟକ, ଆଦିତ୍ୟ ଗୋସ୍ୱାମୀ, ମୁକ୍ତିକାନ୍ତ ମହାପାତ୍ର, ବିନୟ ପଣ୍ଡା, ଚନ୍ଦ୍ରମୋହନ ମହାନ୍ତି, ମଦନ ମୋହନ ନାୟକ, ଅଭିମନ୍ୟୁ ନାୟକ, ପୁରୁଷୋତ୍ତମ ଗୁପ୍ତା, ଗଦାଧର ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ, ସ୍ନେହଲତା ବେହେରା, ମମତାରାଣୀ ରାଉତ, ତରୁଲତା ସାହୁ ସହଯୋଗ କରୁଛନ୍ତି।






### ଜିଲ୍ଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

# ୩୩୨୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଯାଜପୁର, ୩୦।୩(ସମିସ)



ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାରେ ଅନ୍ତ୍ୟୋଦୟ ଯୋଜନାର ଶୁଭାରମ୍ଭ ହୋଇଛି। ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଶେଷ ଧାଡ଼ିରେ ଥିବା ଗରିବଙ୍କ ପାଇଁ ପକ୍କା ଘର ଗଢି ସୁରକ୍ଷିତ ଆଶ୍ରୟସ୍ଥଳୀ ପ୍ରଦାନ କରିବାକୁ ଆମ ସରକାର ପ୍ରତିଶ୍ରୁତି ଦେଇଥିଲେ। ଆଜି ଏହି ଯୋଜନାର ଶୁଭାରମ୍ଭ ହୋଇଛି। ଏହା ବିକଶିତ ଗ୍ରାମ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନ ପୂରଣ ଦିଗରେ ସହାୟକ ହେବ ବୋଲି କହିଥିଲେ। ଆଜି ଏହି ଯୋଜନାରେ ୧୦ଟି ବ୍ଲକର ୩୩୨୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଜଣାପଡ଼ିଛି।

ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, କର୍କଟ ଭଳି ରୋଗରେ ପୀଡିତ ପରିବାର, ସହିଦ ପରିବାର, ଘରପୋଡି, ହାତୀ ଉପଦ୍ରବ, ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯାଉଛି। କର୍କଟ, କୁଷ୍ଠ, କିଡନୀ ରୋଗ, ଲିଭର ସିରୋସିସ୍, ଥାଲାସେମିଆ ଅଥବା ଏଚ୍ଆଇଭି ପରି ଦୁରାବ୍ୟାଧିରେ ପୀଡିତ ପରିବାର ଓ ଅନାଥଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇଦେବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ କ୍ରୀଡାବିତ ଏହି ଯୋଜନାରେ ବିଶେଷ ଭାବେ ଉପକୃତ ହୋଇପାରିବେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭ ହଜାର ୫ ଶହ ୫୦ କୋଟି ଟଙ୍କା ବିନିଯୋଗ ହେବ। ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୨ ହଜାର ୬ ଶହ କୋଟି ଟଙ୍କାର ବଜେଟ୍ ଅଟକଳ କରାଯାଇଛି। ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ ମାସ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି ସେମାନଙ୍କୁ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଯାଜପୁର ଜିଲ୍ଲାରେ ୪୩୮୦ ଜଣ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜି ୩୩୨୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଉପଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ବିଭାଗୀୟ ଅଧିକାରୀ, ବିଡିଓ ହେମନ୍ତ ମହାନ୍ତ, ପଞ୍ଚାୟତ ପ୍ରତିନିଧି, ହିତାଧିକାରୀ, ମିଶନ ଶକ୍ତି ମହିଳା, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଞ୍ଝାରପୁର:** ଆଜି ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ଆଜି ବିଞ୍ଝାରପୁର ବ୍ଲକ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ ମୁଖ୍ୟଅତିଥି



ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ୧୩୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ବିଡିଓ ହିମାଂଶୁ ସାମଲ, ଉପାଧ୍ୟକ୍ଷ ସେକ ଇର୍ସାଦ, ସ୍ଥାନୀୟ ସରପଞ୍ଚ କଳିକା ଦାସ ଉପସ୍ଥିତ ଥିଲେ।

**ବଡ଼ଚଣା:** ବ୍ଲକ କାର୍ଯ୍ୟାଳୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି



ଭାବେ ବିଧାୟକ ଅମର ନାୟକ ଯୋଗଦେଇ ୫୭୪ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ବିଡିଓ ରବୀନ୍ଦ୍ର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ରାଉତ, ଅତିରିକ୍ତ ବିଡିଓ ସୁରେଶ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଅତିରିକ୍ତ ତହସିଲଦାର ବିରଜା ରାୟ ଯୋଗ ଦେଇଥିଲେ।

**ବରୀ:** ବରୀ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪୨୭ ଜଣ ହିତାଧିକାରୀ ଚିହ୍ନଟ ହୋଇଥିବାବେଳେ ୨୬୯ ଜଣକୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ତହସିଲଦାର କଲ୍ଲୋଳ ମିଶ୍ର, ଅତିରିକ୍ତ ମଣ୍ଡଳ ଉନ୍ନୟନ



ଅଧିକାରୀ ମହେଶ୍ୱର ସେଠୀ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

**ଦଶରଥପୁର:** ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ଦଶରଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ବିଡିଓଙ୍କ



ପରିଚାଳନାରେ ଆୟୋଜିତ ସଭାରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୬୦୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ୩୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ। ଏବିଡିଓ ତ୍ରିଲୋଚନ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, କନିଷ୍ଠ ଯନ୍ତ୍ରୀ ଅମୀୟ ରାଉତ, ବିଏସଏସ୍‌ଓ ସ୍ୱାଧୀନା କ୍ରିଷ୍ଟାବାଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଧର୍ମଶାଳା:** ଆଜି ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତର ୬୨୦ ଜଣ ହିତାଧିକାରୀଙ୍କୁ ପ୍ରଥମ ଦଫାରେ ଅନ୍ତ୍ୟୋଦୟ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ଜ୍ୟୋତିର୍ମୟ କରଙ୍କ ଅଧ୍ୟକ୍ଷତାରେ ଜାରକା ମେଲଣ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ




ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୯୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୬୭୩ ଜଣଙ୍କୁ ଚୟନ କରାଯାଇଥିବାବେଳେ ୬୨୦ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ନେତା କହ୍ନୁଚରଣ ଦାଶ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ଆଲୋକ ଲେଙ୍କା ଓ ଚନ୍ଦ୍ରମଣି ପଣ୍ଡିତ ଉପସ୍ଥିତ ଥିଲେ।

## ଯୁବ ବୈଜ୍ଞାନିକ ରାଜେଶ ପୃଷ୍ଟି ସମ୍ବର୍ଦ୍ଧିତ



ଶଙ୍ଖଚିଲା, ୩୦।୩(ସମିସ): ଶଙ୍ଖଚିଲା ଗୋଡ଼ିପାଟଣା ଗ୍ରାମର ଯୁବ ବୈଜ୍ଞାନିକ ତଥା ଏନଆଇଟି ରାଉରକେଲାର ଆସିଷ୍ଟାଣ୍ଟ ପ୍ରଫେସର ଡଃ ରାଜେଶ ପୃଷ୍ଟିଙ୍କୁ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଲୋକ ସେବା ଭବନ କନ୍‌ଭେସନ ହଲରେ ଆୟୋଜିତ ବୈଜ୍ଞାନିକ ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବନ୍ଧମୁଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯାଜପୁର, ୩୦।୩(ସମିସ): ବନ୍ଧମୁଣ୍ଡା ମୁରଲୀଧର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ଦୋବାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ପଣ୍ଡା ଆଜିର ଶିକ୍ଷା ପଦ୍ଧତି ପ୍ରାଚୀନ ଭାରତୀୟ ସଂସ୍କୃତି ଉପରେ ପର୍ଯ୍ୟବେଶିତ ହେବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡଃ ଶ୍ରୀହରି ଧଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ରତା ଉପରେ ଶିକ୍ଷା ଦେଲେ, ସେମାନେ ଭବିଷ୍ୟତର ଉତ୍ତମ ନାଗରିକ ହୋଇପାରିବେ ବୋଲି କହିଥିଲେ। ପୂର୍ବତନ ଶିକ୍ଷକ ବସନ୍ତ ଜେନା, ବିଜୟ ବିଶ୍ୱାଳ, ଶିକ୍ଷକ ନେତା ପୀତାମ୍ବର ସ୍ୱାଇଁ, ପ୍ରାଧ୍ୟାପକ ଶ୍ରୀନିବାସ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଅନୁପମା ବିଶ୍ୱାଳ, ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ଜେନା, ଅଭିମନ୍ୟୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ସୋନାଲୀ ଜେନା, ଦାମୋଦର ନନ୍ଦ ବାର୍ଷିକ ବିବରଣୀ ପାଠ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜିଲ୍ଲା ସ୍କୁଲରେ ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମ

ଯାଜପୁର, ୩୦।୩ (ସମିସ): ଜିଲ୍ଲାର ପୁରାତନ ଶିକ୍ଷାନୁଷ୍ଠାନ ଯାଜପୁର ଜିଲ୍ଲା ସ୍କୁଲରେ ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜହିରୁଦ୍ଦିନ ଖାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାହିତ୍ୟିକ ଡଃ ଅକ୍ଷୟ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିବା ସହ ହଜିଯାଉଥିବା ଆମ ପୁରାତନ ସଂସ୍କୃତି ଓ ପାରମ୍ପରିକ ଖେଳଣାର ପୁନରୁଦ୍ଧାର ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଶିକ୍ଷକ ମୋତିଉର୍ ରହେମାନ ଯୋଗଦେଇ ସଂସ୍କୃତି ଓ ଖେଳଣା ଶିକ୍ଷା ନିମନ୍ତେ ଆବଶ୍ୟକ ଉପାଦାନ ବୋଲି ମତ ଦେଇଥିଲେ। ବରିଷ୍ଠ ଶିକ୍ଷକ ବାସୁଦେବ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆର୍‌ସିସି ସଫିଉଜ୍ ଜମାନ ନିଜସ୍ୱ ମତ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଡଃ ପଣ୍ଡା ଓ ଶ୍ରୀ ରହେମାନ ମୂଲ୍ୟାୟନ କରିବା ପରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଂସ୍କୃତି ପ୍ରକଳ୍ପ ପ୍ରସ୍ତୁତିରେ ଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡା, ସଲୋନା ଦାସ, ମନୀଷା ପତି, ସବିତା ଧଳ, ଅନନ୍ୟା ମହାପାତ୍ର, ସ୍ମିତାରାଣୀ ରାଉତ, ସ୍ମୃତିସଙ୍ଗୀତା ବଳ, ନିବେଦିତା ସାମଲ, ପୂର୍ଣ୍ଣିମା ପୃଷ୍ଟି ଓ ଖେଳଣା ପ୍ରକଳ୍ପ ପ୍ରସ୍ତୁତିରେ ଶିକ୍ଷୟିତ୍ରୀ ସୁଚିସ୍ମିତା ମହାନ୍ତି, ପ୍ରଭାସିନୀ ରାଉତ, ଗୀତାଞ୍ଜଳି ଜେନା, ଭାନୁପ୍ରିୟା ସାହୁ, ଅଜିଜା ଖାତୁନ୍, ସଲୋନି ଅଗ୍ରୱାଲ୍, ରଶ୍ମିତା ଖିଲାର, ଶିକ୍ଷକ ନିହାର ରଞ୍ଜନ କର ଓ ଅମିତ ରାଜା ମାର୍ଗଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଇଦ୍ ପାଇଁ ବିଞ୍ଝାରପୁର ପୁଲିସ ପକ୍ଷରୁ ଶାନ୍ତି କମିଟି ବୈଠକ

ବିଞ୍ଝାରପୁର, ୩୦।୩(ସମିସ): ମୁସ୍‌ଲିମ୍ ସମ୍ପ୍ରଦାୟର ପବିତ୍ର ଇଦ୍ ଓ ହିନ୍ଦୁମାନଙ୍କ ପବିତ୍ର ରାମ ନବମୀକୁ ନେଇ ବିଂଝାରପୁର ପୁଲିସ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବିଂଝାରପୁର ଥାନାରେ ଆୟୋଜିତ ଏହି ବୈଠକରେ ଥାନାଧିକାରୀ ବାମଦେବ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଂଝାରପୁର ଅଞ୍ଚଳର ସବୁ ମସଜିଦ କମିଟି କର୍ମକର୍ତ୍ତା, ବଜରଙ୍ଗ ଦଳ କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ ଓ ଲୋକ ପ୍ରତିନିଧି ଯୋଗ ଦେଇଥିଲେ। ଇଦ୍ ସମୟରେ ବିଂଝାରପୁର ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଇଦ୍ ଓ ରାମନବମୀ ଉପଲକ୍ଷେ ଶୋଭାଯାତ୍ରା ପାଇଁ ପୁଲିସ ପ୍ରଶାସନ ନିକଟରୁ ଅନୁମତି ନେବାକୁ ପଡ଼ିବ ବୋଲି ପୁଲିସ ପକ୍ଷରୁ କମକର୍ତ୍ତାଙ୍କୁ ଅବଗତ କରାଯାଇଛି। କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଯଦି କୌଣସି ଅପ୍ରୀତିକର ବିଷୟ ଶୁଣିବାକୁ ପାଉଛନ୍ତି, ତୁରନ୍ତ ପୁଲିସକୁ ଜଣାଇବାକୁ କୁହାଯାଇଛି।

### ● ଧର୍ମଶାଳା ତହସିଲ ବାର୍ ଆସୋସିଏସନ

## ବିଦ୍ୟାଧର ସଭାପତି ଓ ସୋମନାଥ ସମ୍ପାଦକ

ଧର୍ମଶାଳା, ୩୦।୩(ସମିସ): ରାଜ୍ୟ ବାର୍ ଆସୋସିଏସନ ଅନୁବନ୍ଧିତ ଧର୍ମଶାଳା ତହସିଲ ବାର୍ ଆସୋସିଏସନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବିଦ୍ୟାଧର ଲେଙ୍କା, ଉପସଭାପତି ଭାବେ କେଦାରେଶ୍ୱର ଦାଶ, ସମ୍ପାଦକ ସୋମନାଥ ସାହୁ, ଯୁଗ୍ମସମ୍ପାଦକ କୈଳାସ ପରିଡ଼ା, ସହସମ୍ପାଦକ ଅଜିତ ରାଉତ, କୋଷାଧ୍ୟକ୍ଷ ଉତ୍ତମ ମହାନ୍ତି, ଲାଇବ୍ରେରୀ ସମ୍ପାଦକ ଅଜୟ ଦାସ ଓ ଲାଇବ୍ରେରୀ ସହସମ୍ପାଦକ ଭାବେ ସୁଧାଂଶୁ କର ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଡଭୋକେଟ ନିଶିକାନ୍ତ ଶତପଥୀ ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଗୁରୁଚରଣ ସେଠୀ, କ୍ଷିତୀଶ ଦାଶ ଓ ରଶ୍ମିରଞ୍ଜନ ଜେନା ମନୋନୀତ ହୋଇଛନ୍ତି। ପୂର୍ବତନ ସଭାପତି ଅର୍ଜୁନ ନାୟକ, ରମେଶ ପଣ୍ଡା, ସନ୍ତୋଷ ଦାଶ, ଦେବାଶିଷ ଦ୍ୱିବେଦୀ, ଗାୟତ୍ରୀ ପ୍ରସାଦ ଦାଶ, ଉତ୍ତମ ପଣ୍ଡା ଓ ସୁଧାଂଶୁ ଦାଶ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

## ଅଭିମନ୍ୟୁ ସାମନ୍ତସିଂହାର କଲେଜରେ ଆଲୋଚନାଚକ୍ର

ବରୀ, ୩୦।୩(ସମିସ): ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ସମାଜ ସେବା ଦ୍ୱାରା ବ୍ୟକ୍ତିତ୍ୱର ବିକାଶ' ଶୀର୍ଷକ ଆଲୋଚନାଚକ୍ର ଅଧ୍ୟକ୍ଷ ଡଃ ଜିତେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡଃ ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ କିଭଳି ପାଠପଢ଼ା ସହ ଜାତୀୟ ସେବା ଯୋଜନା ଦ୍ୱାରା ପରିଚାଳିତ ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ଅଂଶଗ୍ରହଣ କରି ଭବିଷ୍ୟତରେ ସଫଳ ମଣିଷ ହୋଇପାରିବେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ ସାହୁ, ସମାଜସେବୀ ନିମାଇଁ ରାୟ, ଅଧ୍ୟାପକ ନିମାଇଁ ଲେଙ୍କା, କୁଞ୍ଜବିହାରୀ ରାୟ ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରଦୀପ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଇଜାପୁର ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ

କୟାଁଗୋଲା, ୩୦।୩(ସମିସ): ଦଶରଥପୁର ବ୍ଲକ ଇଜାପୁର ପଞ୍ଚାୟତସ୍ଥ ଇଜାପୁର ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରିଥିଲେ। ଶିକ୍ଷକ ବିଭୂତି ଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଦେବୀଲାଲ ସାହୁ, ସମ୍ମାନିତ ଅତିଥି ଭାବେ ଏବିଇଓ ସାବିତ୍ରୀ ସେଠୀ, ନୃସିଂହ ମହାନ୍ତି, ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା, ପୂର୍ବତନ ଶିକ୍ଷକ ପ୍ରସନ୍ନ ନାୟକ, ବ୍ରଜକିଶୋର ବାରିକ, ରାଧାକାନ୍ତ ରାୟ, ସିଆରସିସି ବିଭୂତି ରଣା, ପୂର୍ବତନ ସିଆରସିସି କବିତା ପଣ୍ଡା, ପରିଚାଳନା କମିଟି ସଭାପତି ସୁନୀଲ ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୪୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ନିକଟସ୍ଥ ଉର୍ଦ୍ଧ୍ୱ ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସଞ୍ଜୀବ ସାହୁ ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ



ବରୀ, ୩୦।୩(ସମିସ): ଅଜାଣସ୍ଥ ଶୁକ୍ଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ବରୀ ପ୍ରଖଣ୍ଡ ସ୍ୱୟଂସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ସହଯୋଗରେ ପାଳନ କରାଯାଇଛି। ପ୍ରଥମେ ଶୁଭ୍ରଜିତ ଗୁରୁଜୀଙ୍କ ଦ୍ୱାରା ଧ୍ୱଜ ସ୍ଥାପନ ପରେ ପ୍ରବଚକ ରବୀନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଭାରତ ମାତା ଓ ପରମ ବ୍ରହ୍ମ ଓଁ ଏବଂ ଆର୍‌ଏସ୍‌ଏସ୍ ସଂଘ ସଂସ୍ଥାପକ ଡକ୍ଟର ହେଡଗୋୟାରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରବଚକ ଶ୍ରୀ ମହାନ୍ତି ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ କଥା ବର୍ଣ୍ଣନା କରିବା ସହିତ ବ୍ୟକ୍ତିତ୍ୱ ବିକାଶରେ ରାମଚନ୍ଦ୍ରଙ୍କ ଆଦର୍ଶ କେଉଁ ଭଳି ଭାବେ ଜଣେ ସାଧାରଣ ଲୋକଙ୍କୁ ଅସାଧାରଣ କରିପାରେ ସେ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶାରୀରିକ ପ୍ରମୁଖ ସିଦ୍ଧେଶ୍ୱର ସାହୁ ହିନ୍ଦୁ ନବବର୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ବିବିଧ କ୍ଷେତ୍ରରୁ କାର୍ଯ୍ୟକର୍ତ୍ତା ଓ ସ୍ୱୟଂସେବକ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ବଜରଙ୍ଗ ଦଳ ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର, ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ପ୍ରାକ୍ତନ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ବିବେକାନନ୍ଦ ଜେନା, ସରପଞ୍ଚ ଚଞ୍ଚଳା ମଲ୍ଲ, ଧୀରେନ୍ଦ୍ର ଜେନା, ବିଜେପି ନେତା ଆଶୁତୋଷ ପରିଡ଼ା, ସାଂସଦ ପ୍ରତିନିଧି ଅଭୟ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦର ବରୀ ପ୍ରଖଣ୍ଡ ସଭାପତି ବିଶ୍ୱନାଥ ତ୍ରିପାଠୀ, ଶ୍ରୀକାନ୍ତ ବାବା, ସମାଜସେବୀ କବିର ଦାସ, ଅବିନାଶ ଧଳ, ଅଜୟ ରଥ, ଦୀପକ ଭରଦ୍ୱାଜ ପ୍ରମୁଖ ସହଯୋଗ କରିଥିଲେ।

## ନବୋଦୟ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

କୟାଁଗୋଲା, ୩୦।୩(ସମିସ): ନବୋଦୟ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି ଦଶରଥପୁର ବ୍ଲକ ମଲ୍ଲିକାପୁର ଗ୍ରାମର ସୁଚେଶ ସାମଲ ଓ ବନୀତା ବସନ୍ତିଆଙ୍କ ଝିଅ ସାଇସ୍ନେହା ସାମଲ। ନବୋଦୟ ପରୀକ୍ଷାରେ ସୁକିନ୍ଦା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ନେହାଙ୍କ ଏଭଳି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଦଶରଥପୁର ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବ୍‌ର ବାର୍ଷିକ ଉତ୍ସବ

ଦଶରଥପୁର, ୩୦।୩(ସମିସ): ଦଶରଥପୁର ବ୍ଲକର ପୁରାତନ ଶିକ୍ଷାନୁଷ୍ଠାନ ଦଶରଥପୁର ସରକାରୀ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ଲବ୍‌ର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଦଶରଥପୁର ବିଇଓ ଦେବୀଲାଲ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ନୃସିଂହ ଚରଣ ମହାନ୍ତି ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ମିଶ୍ର ଯୋଗଦେଇ ବିଜ୍ଞାନ ଓ ଗଣିତ ଶିକ୍ଷାର ଗୁରୁତ୍ୱ ବଖାଇଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ ପଣ୍ଡା ଦେଶର ବିକାଶ ପାଇଁ ଗୁଣାତ୍ମକ ବିଜ୍ଞାନ ଓ ଗଣିତ ଶିକ୍ଷାର ପ୍ରଚାର ପ୍ରସାରର ଆବଶ୍ୟକତା




ସମ୍ପର୍କରେ ମତ ଦେଇଥିଲେ। ସମ୍ମାନିତ ବକ୍ତା ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ନାରାୟଣ ସାହୁ ଓ ଏସ୍‌ଏମ୍‌ସି ଅଧ୍ୟକ୍ଷ ଦେବେନ୍ଦ୍ର ଦାଶ ନିଜସ୍ୱ ମତ ଦେଇଥିଲେ। ଛାତ୍ରଛାତ୍ରୀ ଗଣିତ ଓ ବିଜ୍ଞାନଭିତ୍ତିକ ୪୪ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ପ୍ରିୟଦର୍ଶିନୀ ଦେବତା, ଶିକ୍ଷକ ସୂର୍ଯ୍ୟନାରାୟଣ ପତି, ହରିହର ନାୟକ, ମାନସ ସାହୁ, ସୁବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟବକ୍ତା ଡଃ ପଣ୍ଡା ଓ ସମ୍ମାନିତ ବକ୍ତା ଶ୍ରୀ ମିଶ୍ର ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଗଣିତ ଓ ବିଜ୍ଞାନ ପ୍ରତିଯୋଗିତା ପରିଚାଳନାରେ ଶିକ୍ଷକ ଅମରେନ୍ଦ୍ର ବେହେରା, ମଧୁମିତା ନାୟକ, ତପନ ମହାନ୍ତି, ଅନନ୍ୟା ଦିଗଦର୍ଶନୀ ସ୍ୱାଇଁ, କର୍ମଚାରୀ ବନଜା ରତୁପର୍ଣ୍ଣା ନାୟକ ଓ ପଞ୍ଚାନନ ଜେନା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ପ୍ରିୟଦର୍ଶିନୀ ଖୁଣ୍ଟିଆ ଅତିଥି ପରିଚୟ ଦେଇଥିବାବେଳେ ଶିକ୍ଷକ ସୂର୍ଯ୍ୟନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ଡ୍ରିମ୍‌ଲ୍ୟାଣ୍ଡ କ୍ଲବ୍‌ର ରୌପ୍ୟ ଜୟନ୍ତୀ

## ପ୍ରାଚୀନ ଯାଜପୁର ଗୌରବର ସୁରକ୍ଷା ପାଇଁ ଆହ୍ୱାନ

ପ୍ରୀତିପୁର, ୩୦।୩(ସମିସ)



ପ୍ରାଚୀନ ଯାଜପୁରର ଗୌରବ ହିଁ ସାରା ଓଡ଼ିଶାର ଗୌରବ। ଏହାକୁ ସୁରକ୍ଷିତ ରଖିବାକୁ ଆଜିର ଯୁବବର୍ଗ ଧ୍ୟାନ ଦେବା ଆବଶ୍ୟକ ବୋଲି ଡ୍ରିମ୍‌ଲ୍ୟାଣ୍ଡ କ୍ଲବ୍‌ର ରୌପ୍ୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କପାସି ନିକଟସ୍ଥ ଇନ୍ଦାସଠାରେ ଡ୍ରିମ୍‌ଲ୍ୟାଣ୍ଡ କ୍ଲବ୍‌ର ରୌପ୍ୟ ଜୟନ୍ତୀ ଅବସରରେ ସାରସ୍ୱତ ଓ ବୌଦ୍ଧିକ ସମ୍ମିଳନୀ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗଦେଇ କହିଥିଲେ, ସାରସ୍ୱତ ଜଗତର ସ୍ରଷ୍ଟା ଏଣିକି ନିଜସ୍ୱ କଲମ ଚାଳନା ପୂର୍ବକ ଆମ ପୂର୍ବ ସୂରୀଙ୍କ ଲକ୍ଷ୍ୟ ପୂରଣ କରିବାକୁ ହେବ। ଯୁବ ସମ୍ପ୍ରଦାୟ ସମାଜରୁ ସନ୍ତୁଷ୍ଟିକରଣ ନୀତିକୁ ପରିହାର କରି ନିର୍ଭୀକତା ଅବଲମ୍ବନ ନ କଲେ ଆମେ ଆମ ପୂର୍ବ ଗୌରବକୁ ହରାଇ ବସିବା। ମୁଖ୍ୟବକ୍ତା ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା କହିଲେ, ଯାଜପୁରର ଗୌରବକୁ ଜିଲ୍ଲାବାସୀ ନିଜ ଅନୁଭବକୁ ଆଣିବା ଉଚିତ। ଯାଜପୁର ଲେଖକ ସମାଜର ସଭାପତି ରୁଦ୍ରନାରାୟଣ ପୃଷ୍ଟି କହିଲେ, ଅସ୍ମିତା ନିଜ ଚେତନା ଭିତରେ ରହିଲେ ଓ ଏଥିପାଇଁ ଆଜିର ସାହିତ୍ୟିକ ଏହାକୁ ଉଜ୍ଜୀବିତ କରିବାକୁ ଉଦ୍ୟମ ଜାରି ରଖିଲେ, ଯୁବପିଢି ଉପକୃତ ହୋଇପାରିବେ। କବି ଡଃ ଶ୍ରୀହରି ଧଳ, ଉତ୍କଳ କଳାକାର ଫାଉଣ୍ଡେସନର ସଭାପତି ଜିତେନ୍ଦ୍ର ପ୍ରଧାନ, ସରପଞ୍ଚ କୁଞ୍ଜ ବିହାରୀ ଦାସ, ସମିତି ସଭ୍ୟ ତପନ ଜେନା, ସମିତିସଭ୍ୟ ରମାକାନ୍ତ ସେଠୀ ଯୋଗଦେଇ କ୍ଲବର ଉନ୍ନତି ଓ ପ୍ରଗତି କାମନା କରିଥିଲେ। ସଂଗଠକ ଗୌରାଙ୍ଗ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବାଦଲ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ମନୀଷା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ରିୟା ଦେ ସଙ୍ଗୀତ ପରିବେଷଣ କରିଥିଲେ। କ୍ଲବ୍ ପକ୍ଷରୁ ମେଧାବୀ ଯୁବକ, କଳାକାର, ଓ ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା' ରକ୍ଷାକାଳୀଙ୍କ ବାର୍ଷିକୋତ୍ସବ

**ଯାଜପୁର, ୩୦।୩(ସମିସ):** ଦେବୀଗଡ଼ାର ମା' ରକ୍ଷାକାଳୀଙ୍କ ପୀଠରେ ମା'ଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୈତ୍ରମାସ ଅମାବାସ୍ୟା ତିଥିରେ ପ୍ରତିବର୍ଷ ମା' ପୂଜା ପାଇଥା'ନ୍ତି। ଶନିବାର ରାତ୍ର ସମୟରେ ବୈତରଣୀ ନଦୀରୁ ଜଳ ଅଣାଯାଇ କଳସ ପୂଜା କରାଯିବା ପରେ ଘଟସ୍ଥାପନ କରାଯାଇ ମା' ରକ୍ଷାକାଳୀଙ୍କ ପୂଜା ଆରମ୍ଭ କରାଯାଇଥିଲା। ପରେ ମା'ଙ୍କ ପୀଠରେ ରୀତିନୀତି ଅନୁସାରେ ମୃଣ୍ମୟ ମୂର୍ତ୍ତି ପୂଜାପାଇ ରବିବାର ବିସର୍ଜନ କରାଯାଇଛି। ମା'ଙ୍କ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂଜାରେ ସାମିଲ ହୋଇଥିଲେ। କମିଟିର ବରିଷ୍ଠ ସଭ୍ୟ ବିଶ୍ୱଜିତ ମହାନ୍ତି, ସମ୍ପାଦକ ହରିହର ବେହେରା, ରାଜୀବ ମହାନ୍ତି, ସମରଜିତ ମହାନ୍ତି, ଶଙ୍କର୍ଷଣ ବେହେରା, ଉମାକାନ୍ତ ପରିଡ଼ା, ଶଙ୍କର୍ଷଣ ସାହୁ, ଦିଲ୍ଲୀପ ହାଲଦାର, ଦିଲ୍ଲୀପ ନାୟକ, ପ୍ରଶାନ୍ତ ଖୁଣ୍ଟିଆ, ଶ୍ରୀନିବାସ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ସୁକିନ୍ଦା ପିଜୁଳି ଫାର୍ମ ପରିଚାଳନା ଏନ୍‌ଜିଓଙ୍କୁ ହସ୍ତାନ୍ତରର ପ୍ରତିବାଦ

# ଜିଲ୍ଲାପାଳ ଅଫିସ ଘେରଉ କରିବାକୁ ନିଷ୍ପତ୍ତି

**କୁହିକା, ୩୦।୩(ସମିସ)**

ଉଦ୍ୟାନ ବିଭାଗ ଅଧୀନରେ ଥିବା ପିଜୁଳି ଫାର୍ମ ପାଇଁ ଡିଏମଏଫ ଫଣ୍ଡରୁ ଦୁଇ ଦୁଇଥର ବ୍ୟୟ ବରାଦ ହୋଇଛି। ଡିଏମଏଫ ଅର୍ଥକୁ ହରିଲୁଟ ପାଇଁ ଏନଜିଓ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି। କେତେକ ଏସଏଚ୍‌ଜି ମହିଳାଙ୍କୁ ଆୟୁଧ କରି ଜିଲ୍ଲା ଖଣିଜ ପାଣ୍ଠିକୁ ଚଲୁ କରିବାକୁ ମସୁଧା ହେଉଥିବା ଜଣାପଡ଼ିଛି। ଯାହାକୁ ନେଇ ଉପେକ୍ଷିତ ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଦାମୋଦରପୁରଠାରେ ଉଦ୍ୟାନ ବିଭାଗ କାର୍ଯ୍ୟ କରୁଛି। ଉଦ୍ୟାନ ବିଭାଗ ଅଧୀନରେ ପିଜୁଳି ଫାର୍ମର ପରିକଳ୍ପନା କରାଯାଇ ପୂର୍ବରୁ ଥରେ ଡିଏମଏଫ୍ ଫଣ୍ଡରେ ବ୍ୟୟବରାଦ କରାଯାଇଛି। ଉଦ୍ୟାନ ବିଭାଗ ଅଧୀନରେ ଥିବା କେନ୍ଦୁଗଛକୁ ସେତେବେଳେ ଜେସିବି ମେସିନ ଲଗାଇ ହାଣି ସଫା କରାଯାଇଥିଲା। ପିଜୁଳି ଫାର୍ମ ପାଇଁ ଜଙ୍ଗଲ ଜମିରେ ଥିବା କେନ୍ଦୁଗଛ ସଫା କରିବା ଘଟଣାରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ଚାଲୁରହିଛି। ଏଭଳି ସ୍ଥଳେ ଉକ୍ତ ବିବାଦୀୟ ଜମିରେ ପିଜୁଳି ଫାର୍ମ ନାଁରେ ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ୟୟବରାଦ କରାଯାଇ ଆଇଜିଏସ ନାମକ ଏକ ଏନଜିଓ ଚୁକ୍ତି କରି ଜିଲ୍ଲା ଖଣିଜ ପାଣ୍ଠି ହାତେଇଛ। ଉକ୍ତ ମହିଳାଙ୍କ ମଧ୍ୟରୁ ଅଧିକାଂଶ ମହିଳାଙ୍କ ଜବକାର୍ଡ ନ ଥିବାବେଳେ ଉକ୍ତ ଏନଜିଓ ତରବରିଆ ଭାବେ ବିନା ଜବକାର୍ଡଧାରୀ ମହିଳାଙ୍କୁ ନିୟୋଜିତ କରି କାର୍ଯ୍ୟ କରୁଛି। ଗାଡି, କୋଠା ଘର ଥାଇ ଜବକାର୍ଡ ନ ଥିବା ଲୋକଙ୍କ ଜବକାର୍ଡ କରିବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଉଦ୍ୟାନ ବିଭାଗ ସର୍ବନିମ୍ନ ମଜୁରି ନ ଦେଇ ଜବ କାର୍ଡରେ ମହିଳାଙ୍କୁ ପିଜୁଳି ଫାର୍ମର ରକ୍ଷଣାବେକ୍ଷଣ ଦାୟିତ୍ୱ ଦେଇ ଡିଏମଏଫ ଫଣ୍ଡର ସିଂହଭାଗ ଅର୍ଥ ଲୁଟିନେବାକୁ ଷଡଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯାଜପୁର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ଆଇଜିଏସ (ଗ୍ରାମୀଣ ବିକାଶ ସଂସ୍ଥା) ଘର ଘର ବୁଲି ମହିଳାଙ୍କୁ ନିଜ ପକ୍ଷରେ ସମର୍ଥନ ଯୋଗାଡରେ ଲାଗି ପଡ଼ିଛି। ଡିଏମଏଫ ଫଣ୍ଡକୁ ଜିଲ୍ଲା ପ୍ରଶାସନ ଦୁଇଥର ପିଜୁଳି ଫାର୍ମ ପାଇଁ ବ୍ୟୟ କରିବା ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ସହ ବୁଦ୍ଧିଜୀବୀଙ୍କୁ ମର୍ମାହତ କରୁଛି। ପିଜୁଳି ଫାର୍ମ ମାମଲା ଗ୍ରୀନ ଟ୍ରିବୁନାଲ ସହ ସର୍ବୋଚ୍ଚ ନ୍ୟାୟାଳୟରେ ଥିବାବେଳେ ଜିଲ୍ଲା ପ୍ରଶାସନ ଜିଲ୍ଲା ଖଣିଜ ପାଣ୍ଠିକୁ ଉକ୍ତ ଏନଜିଓ ହାତକୁ କିଭଳି ଟେକିଦେଲା, ତାହା ବିସ୍ମିତ କରୁଛି। ଯାହାର ପ୍ରତିବାଦରେ ଆଗାମୀ ଦିନରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବଡ଼ଧରଣର ଆନ୍ଦୋଳନ କରାଯିବା ନେଇ ସଜବାଜ ଚାଲୁଥିବା ଜଣାପଡ଼ିଛି।

## ପତ୍ନୀ ନିଖୋଜ ନେଇ ଥାନାରେ ଅଭିଯୋଗ

**ପାଣିକୋଇଲି, ୩୦।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ବେଙ୍ଗାସାହିର ଜଣେ ମହିଳା ନିଖୋଜ ହେବା ନେଇ ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ପଥରପଦା ପଞ୍ଚାୟତସ୍ଥ ବେଙ୍ଗା ଆଦିବାସୀ ସାହିର ଭୀମ ମହାରଣାଙ୍କ ପୁଅ ଗୋବିନ୍ଦ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ଏକ ୭ ବର୍ଷର କନ୍ୟା ସନ୍ତାନ ରହିଛି। ୨୭ ତାରିଖ ଦିନ ସନ୍ଧ୍ୟାରେ ଗୋବିନ୍ଦଙ୍କ ପତ୍ନୀ ଚାଲିଯାଇଛି। ଏ ନେଇ ଗୋବିନ୍ଦ ଥାନାରେ ଅଭିଯୋଗ କରିଛନ୍ତି।

## ଗୋ-ଚାଲାଣ ଗାଡ଼ି ଚାଳକ ଗିରଫ

**ପାଣିକୋଇଲି, ୩୦।୩(ସମିସ):** ପାଣିକୋଇଲି ପୁଲିସ ଗୋ-ଚାଲାଣ କରୁଥିବା ଅଭିଯୋଗରେ ପିକଅପ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ସନ୍ଧ୍ୟାରେ ଏକ ପିକଅପ ଭ୍ୟାନରେ ଗୋ-ଚାଲାଣ ହେଉଥିବା ଦେଖି କୁଆଖିଆ ବଜରଙ୍ଗ ଦଳ ସଦସ୍ୟ ପିଛା କରିଥିଲେ। ପାଣିକୋଇଲି ପୁରୁଣା ଟୋଲଗେଟ ନିକଟରେ ଉକ୍ତ ଗାଡ଼ିକୁ ପାଣିକୋଇଲି ବଜରଙ୍ଗ ଦଳ ସଦସ୍ୟଙ୍କ ସହାୟତାରେ ଅଟକାଇ ଚାଳକ ଜଗତସିଂହପୁର ଥାନା ଅନ୍ତର୍ଗତ ଦ୍ୱିଜବର ନାୟକଙ୍କ ପୁଅ ପ୍ରମୋଦକୁ ଗୋଚାଲାଣ କାଗଜପତ୍ର ମାଗିଥିଲେ। ପ୍ରମୋଦ ଦେଖାଇ ନ ପାରିବାରୁ ସେମାନେ ଚାଳକ ଓ ପିକଅପକୁ ଥାନାକୁ ନେଇଥିଲେ। ଏ ନେଇ ବଜରଙ୍ଗ ଦଳ ସଦସ୍ୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ପ୍ରମୋଦକୁ ଅଦାଲତ ଚାଲାଣ କରିଛି।

## ଓଭରବ୍ରିଜ୍‌ରେ ଝୁଲିଲା ଟ୍ରକ୍



**ପାଣିକୋଇଲି, ୩୦।୩(ସମିସ):** ୧୬ନମ୍ବର ଜାତୀୟ ରାଜପଥର ସିଙ୍ଗଡ଼ା ଓଭରବ୍ରିଜ ଉପରେ ଟ୍ରକ ଭାରସାମ୍ୟ ହରାଇ ପୋଲାବାଡ଼ା ଉପରକୁ ଚଢିଯାଇ ତଳକୁ ଝୁଲି ରହିଥିବାବେଳେ ଚାଳକ ଓ ଖଲାସୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଆନ୍ଧ୍ରରୁ କୋଲକାତା ଯାଉଥିବା ଏକ ଟ୍ରକ ରବିବାର ପୂର୍ବାହ୍ଣରେ ଭାରସାମ୍ୟ ହରାଇ ପୋଲ ବାଡ଼ା ଉପରକୁ ଚଢି ତଳକୁ ଝୁଲି ରହିଥିଲା। ଚାଳକ ଓ ଖଲାସୀଙ୍କର କୌଣସି କ୍ଷତି ହୋଇନି।

## ଦୁର୍ଘଟଣାରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଗୁରୁତର

**ପାଣିକୋଇଲି, ୩୦।୩(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ହାଟସାହିସ୍ଥ ମହିନ୍ଦ୍ରା ସୋରୁମ ସମ୍ମୁଖରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଗୁରୁତର ହୋଇଥିବା ଜଣାପଡ଼ିଛି। ଉକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ



**ଦାନଗଦି, ୩୦।୩(ସମିସ):** ଦାନଗଦି ବ୍ଲକ ପରିସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୩୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସୁକିନ୍ଦା ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ ଓ ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏବିଡିଓ ଦିବ୍ୟ ମିଶ୍ର, ବ୍ଲକ ଅଧିକାରୀ, ପଞ୍ଚାୟତ ଜନପ୍ରତିନିଧି, ମିଶନ ଶକ୍ତି ମହିଳା ଯୋଗ ଦେଇଥିଲେ।

## ଅବସର ଦିବସରେ ଚୂଡ଼ାନ୍ତ ପେନ୍‌ସନ୍ ପ୍ରଦାନ



**ଯାଜପୁର, ୩୦।୩ (ସମିସ):** ଯାଜପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ଏରବାଙ୍ଗ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନିରୂପମା ତ୍ରିପାଠୀଙ୍କ ୩୦ ବର୍ଷ ଶିକ୍ଷକତା ଜୀବନର ଅନ୍ତିମ କାର୍ଯ୍ୟ ଦିବସରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନିରାଡ଼ମ୍ବର ଉତ୍ସବର ଆୟୋଜନ କରାଯାଇଥିଲା। ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରିଣୀ ସ୍ମୃତିରେଖା ନାୟକ ତାଙ୍କୁ ଚୂଡ଼ାନ୍ତ ପେନସନ ପେପର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରକାଳୀନ ସଭାରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଜେନା, ମନୋଜ ଜେନା ଓ ବରଦା ଭୂଷଣ ମହାପାତ୍ର, ବରିଷ୍ଠ ସହାୟକ ହିମାଂଶୁ ଦାସଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୧୭ ୟୁନିଟ୍ ସଂଗୃହୀତ

**ଯଖପୁରା, ୩୦।୩(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ନୀଳମଣିଦେଇପୁର ଶାସନସ୍ଥ ବୀଣାପାଣି ସରକାରୀ ବିଦ୍ୟାପୀଠରେ ଉତ୍କର୍ଷ ଆନିମଲ ଟ୍ରଷ୍ଟ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଶିବିରକୁ ବିଜେପି ନେତା ରମଣୀ ରଞ୍ଜନ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସ୍ମୃତିରଞ୍ଜନ ଜେନା, ବସନ୍ତ ଜେନା, ବୁଲୁ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଆହତ ପଶୁପକ୍ଷୀଙ୍କ ସେବାରେ ନିୟୋଜିତ ଉତ୍କର୍ଷ ଆନିମଲ ଟ୍ରଷ୍ଟର ପ୍ରତିଷ୍ଠାତା ମନୋଜ ଜେନା, ସଭାପତି ସତ୍ୟପ୍ରକାଶ ଜେନା, ଉପସଭାପତି ମନୋଜ ସୁନ୍ଦରରାୟ, କୋଷାଧ୍ୟକ୍ଷ ପ୍ରଶାନ୍ତ ରାୟ, ରାକେଶ ସାହୁ, ସିଦ୍ଧେଶ୍ୱର ସୋରେନ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ। ସାମ୍ବାଦିକ ନୀଳମାଧବ ନାୟକ, ଅନୁଜ ମଲ୍ଲିକ, ଅମୀୟ ଘଡାଇ, କୈଳାସ ପୃଷ୍ଟି, ଅକ୍ଷୟ ଧଳଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଧୀନ ବେହେରା, ସ୍ମୃତିରଞ୍ଜନ ସାହୁ, ସତ୍ୟସାଇ ରାୟ, ଲିଜାରାଣୀ ବେହୁରା, ସମୀକ୍ଷା ବେହୁରା ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯାଜପୁର ରେଡ୍‌କ୍ରସ୍ ରକ୍ତଭଣ୍ଡାର ଡାକ୍ତର ପ୍ରଶାନ୍ତ ବିଶ୍ୱାଳ, ପାର୍ଥସାରଥି ପୁହାଣ, ବିଶ୍ୱରଞ୍ଜନ ଓଝା, ଅଜୟ ଜେନା, ନବୀନ ସେଠୀ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।




## ରାଜ୍ୟ ସଂସ୍କୃତ ଅଧ୍ୟାପକ ସଂଘ ଯାଜପୁର ଜିଲ୍ଲା ଶାଖା ବୈଠକ



**ଧର୍ମଶାଳା, ୩୦।୩(ସମିସ):** ଧର୍ମଶାଳା ମହାବିଦ୍ୟାଳୟରେ ରାଜ୍ୟ ସଂସ୍କୃତ ଅଧ୍ୟାପକ ସଂଘ ଯାଜପୁର ଶାଖାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଅମୂଲ୍ୟ କୃଷ୍ଣ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ପ୍ରଦୀପ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟ ସଂସ୍କୃତ ବିଭାଗ ମୁଖ୍ୟ ଡଃ ସସ୍ମିତା ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖରସ୍ରୋତା ମହାବିଦ୍ୟାଳୟ ସଂସ୍କୃତ ବିଭାଗ ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଯାଜପୁର ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ସଂସ୍କୃତ ଅଧ୍ୟାପକ ଓ ଅଧ୍ୟାପିକା ବୈଠକରେ ଯୋଗ ଦେଇଥିଲେ। ସଂସ୍କୃତ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଗୋଟିଏ ବିନା ଅନ୍ୟ ଗୋଟିଏ ଅଧୁରା। ସଂସ୍କୃତ ଭାଷାର ଉନ୍ନତି ହେଲେ ସମାଜର ସର୍ବାଙ୍ଗୀନ ଉନ୍ନତି ହେବ। ସରକାର ସଂସ୍କୃତ ଭାଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ସଂସ୍କୃତ ବିଭାଗର ଅଧ୍ୟାପିକା ଆରାଧନା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ



**ଧର୍ମଶାଳା, ୩୦।୩ ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରେଇକଣା ପଞ୍ଚାୟତର ରାମପୁରସ୍ଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯଶୋବନ୍ତ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପୂର୍ବତନ ଜିଲ୍ଲାପାଳ ତଥା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଗଞ୍ଜାମ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁରେଶ ସାମନ୍ତରାୟ ଓ ସମାଜସେବୀ ପବିତ୍ର ମୋହନ ଦାଶ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ଟ୍ରଷ୍ଟି ସଞ୍ଜୟ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲର ପ୍ରଧାନ ଆଚାର୍ଯ୍ୟ ରଘୁନାଥ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦ୍ୟୋକ୍ତା ଶରତ ରାୟ, ଅବସରପ୍ରାପ୍ତ ଅଧ୍ୟକ୍ଷ ନୃସିଂହ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ମିଶ୍ର, କ୍ଷୀରୋଦ ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ ରାୟ, ଧୀରେନ୍ଦ୍ର ରାୟ, ଅଲେଖ ନାୟକ ଓ ଦାମୋଦର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୋହନ ଚରଣ ସାମଲ ଧନ୍ୟବାଦ ଦେଇଥିଲେ।

## ଶିଶୁ ବାଟିକାରେ ନାମଲେଖା ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ

**ଯାଜପୁର, ୩୦।୩ (ସମିସ):** ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ମଣ୍ଡଳ ଶିକ୍ଷା ଅଧିକାରିଣୀ ସ୍ମୃତିରେଖା ନାୟକଙ୍କ ମିଳିତ ସହଯୋଗରେ ଯାଜପୁର ମ୍ୟୁନିସିପାଲଟି ଅନ୍ତର୍ଗତ ନହରାପୁର ୟୁନିଟ୍-୩ ଅଞ୍ଚଳର ଫରହାନ ଅଲ୍ଲୀ ଖାନ୍, ଅଦନାନ୍ ଖାନ ଓ ଯାଜପୁର ବ୍ଲକ ଅନ୍ତର୍ଗତ ଆଙ୍କୁଲା ଅଞ୍ଚଳର ବିଶ୍ୱଜିତ ଜେନା, ଶ୍ରଦ୍ଧାରାଣୀ ଜେନା, ମାଳଆନନ୍ଦପୁର ପଞ୍ଚାୟତର ନିମାପାଳ ଗ୍ରାମର ସ୍ୱପ୍ନାରାଣୀ ବେହେରାଙ୍କ ଗୃହକୁ ଯାଇ ଆଗାମୀ ଶିକ୍ଷାବର୍ଷରେ ପିଲାଙ୍କୁ ଶିଶୁ ବାଟିକା ଶ୍ରେଣୀରେ ନାମ ଲେଖାଇବାକୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ଆସନ୍ତା ମାସ ୨ ତାରିଖରୁ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ସେମାନେ ଶିଶୁଙ୍କ ସହ ପହଞ୍ଚି ବିଦ୍ୟାଳୟର ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବରେ ଯୋଗ ଦେବାକୁ ଉପରୋକ୍ତ ଅଧିକାରୀ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ସଂଯୋଜକ ସଫିଉଜ୍ ଜମାନ, ପ୍ରିୟଦର୍ଶୀ ପରିଡ଼ା ସହଯୋଗ କରିଥିଲେ।



## ବିନା ଦରମାରେ ଶିକ୍ଷକତା କରି ଅବସର ଗ୍ରହଣ

**କବାଟବନ୍ଧ, ୩୦।୩(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତର ହିଙ୍ଗୁଳା ବିଦ୍ୟାମନ୍ଦିରର ଶିକ୍ଷକ ଗିରିଧାରୀ ପ୍ରଧାନ ଶନିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ବିଦ୍ୟାଳୟରେ ନିରାଡ଼ମ୍ବର ଭାବେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିନା ଦରମାରେ ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିବା ଶିକ୍ଷକ ଗିରିଧାରୀ ପ୍ରଧାନଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବାକୁ ଛାତ୍ରଛାତ୍ରୀ, ଅଭିଭାବକ, ଅଞ୍ଚଳବାସୀ, ପୂର୍ବତନ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି। ଶ୍ରୀ ପ୍ରଧାନ ୧୯୯୦ରେ ୬୧୦ ସ୍କିମରେ ଆଡିସିନାଲ ସେକ୍ସନ ଟିଚର ଭାବେ ଏହି ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ପରେ କାଗଜପତ୍ର ତ୍ରୁଟି କାରଣରୁ ତାଙ୍କୁ ଦରମା ମିଳିବାରେ ଅସୁବିଧା ହୋଇଥିଲା। ଯେଉଁ କାରଣରୁ ଅବସର ନେଇଥିଲେ ମଧ୍ୟ ଅଦ୍ୟାବଧି ଦରମା ମିଳିପାରିଲାନାହିଁ। ୧୯୮୨ରେ ସ୍ଥାପିତ ଏହି ସ୍କୁଲ ୧୯୯୪ରେ ସରକାରୀ ଅନୁଦାନ ପାଇଥିଲା। ସ୍କୁଲ ପରିଚାଳନା କମିଟି ଦ୍ୱାରା ୧୯୯୦ ଅଗଷ୍ଟ ୧୧ ତାରିଖରେ ଶିକ୍ଷକ ଗିରିଧାରୀ ପ୍ରଧାନ ଆଡିସିନାଲ ସେକ୍ସନ ଟିଚର ଭାବେ ନିଯୁକ୍ତି ପାଇଥିଲେ। ଇତିମଧ୍ୟରେ ୩୫ ବର୍ଷ ବିତିଯାଇ ତାଙ୍କର ଅବସର ସମୟ ହୋଇଥିଲେ ମଧ୍ୟ ଦରମା ମିଳିପାରିଲାନାହିଁ। ବିଭାଗୀୟ ଅଧିକାରୀ ଏହି ଶିକ୍ଷକଙ୍କ ଦରମା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।



## କୃଷି ଅଧିକାରୀଙ୍କ ମୁଗ କ୍ଷେତ ପରିଦର୍ଶନ



**ଧର୍ମଶାଳା, ୩୦।୩(ସମିସ):** ଧର୍ମଶାଳା ବ୍ଲକ କୃଷି ଅଧିକାରୀ ଓ ତାଙ୍କ ସହଯୋଗୀ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଡାଲି ଜାତୀୟ ଫସଲ ମୁଗ କ୍ଷେତ ପରିଦର୍ଶନ କରିଛନ୍ତି। ଏହି ବ୍ଲକର ସମ୍ପାରୁ ପଞ୍ଚାୟତର କାଦୁଅମାଗୁରା ଅଞ୍ଚଳକୁ ବ୍ଲକ କୃଷି ଅଧିକାରୀ ସ୍ୱରାଜ କୁମାର ବେହେରା ଓ ଆଶିଷ କୁମାର ବେହେରା ପରିଦର୍ଶନରେ ଆସିଥିଲେ। ଏଠାରେ କୃଷି ଅଧିକାରୀ ସରଜମିନ ପରିଦର୍ଶନ କରି ସରକାରଙ୍କ ପକ୍ଷରୁ ମାଗଣାରେ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଉନ୍ନତ କିସମର ବିହନ ଓ କୀଟନାଶକ ସମ୍ପର୍କରେ କୃଷକଙ୍କୁ ପଚାରି ବୁଝିଥିଲେ। ନୂତନ କିସମର ମୁଗଚାଷ କିଭଳି ଚାଷୀ ଭାଇଙ୍କୁ ଅଧିକ ଅମଳ ଦେଇପାରୁଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କ୍ଷେତ ପରିଦର୍ଶନ ସମୟରେ କୃଷି ଅଧିକାରୀଙ୍କ ସହିତ ବେସରକାରୀ ସଂଗଠନର ମୁଖ୍ୟ ଜ୍ଞାନଦତ୍ତ ବେହେରା, କ୍ଲଷ୍ଟର ସଂଯୋଜକ ମନୋଜ ନାୟକ, ରମେଶ ଚନ୍ଦ୍ର ଦେବତାଙ୍କ ସମେତ ଅଗ୍ରଣୀ ଚାଷୀ ସତ୍ୟରଞ୍ଜନ ନାୟକ, କିରଣ ମଲିକ, ବାଇନ ମଲିକ, ଲିପୁ ବାରିକ ଉପସ୍ଥିତ ଥିଲେ।

## ଏସ୍‌ଏଚ୍‌ଜି ଗ୍ରୁପ ସମ୍ପାଦିକାଙ୍କ ମୃତ୍ୟୁ



**କବାଟବନ୍ଧ, ୩୦।୩ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତର କବାଟବନ୍ଧ ମଝିସାହି ସ୍ୱୟଂସହାୟକ ଗୋଷ୍ଠୀ ସମ୍ପାଦିକା ମିନତୀ ମହାନ୍ତି (୫୮)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅବୋହୂ ଉପସ୍ଥିତ ଥିଲେ। ବ୍ରାହ୍ମଣୀ ନଦୀଶଯ୍ୟାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ବିକାଶ ମୁଖାଗ୍ନି ଦେଇଥିଲେ।

# ଗାଁ ଦାଣ୍ଡରେ ଆଉ ଶୁଭୁନି ନାଉ ଧୁଡୁକି ଗୀତ

**ଧର୍ମଶାଳା, ୩୦।୩ (ସମିସ)**

ପୁରାତନ ଲୋକକଳା ଧିରେ ଧିରେ ସମାଜରୁ ଅପସରି ଯାଉଛି। ଏଭଳି କିଛି ଲୋକକଳା ଏବେ ବିଲୁପ୍ତ ପ୍ରାୟ। ପୂର୍ବରୁ ଦେଖିବାକୁ ମିଳୁଥିବା ଲୋକକଳା ଆଜି ସାତସପନ। ଏବେ କିଛି ଲୋକକଳା କାଁଭାଁ ଗାଁ ଗଣ୍ଡାରେ ଦେଖିବାକୁ ମିଳୁଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁରାରୀପୁର ଓ ଜାଲଶୁଖା ଗ୍ରାମରେ ରହୁଥିବା ୨/୩ଟି ମୁଣ୍ଡ ପୋତା କେଳା ସମ୍ପ୍ରଦାୟର ପରିବାର ନାଉଦ୍ଧୁଡୁକି ବଜାଇ ନିକଟସ୍ଥ ଜାରକା ବଜାରରେ ଦୋକାନକୁ ଦୋକାନ ମାଗଣ କରୁଥିଲେ। କିଛିଦିନ ତଳେ କୁମାରୀ ଗ୍ରାମରେ ନାଉ ଧୁଡୁକିର ଗୀତ ଶୁଣିବାକୁ ମିଳିଥିଲା। ବଡଚଣା ବ୍ଲକ ଚଣ୍ଡିତଳ ପଞ୍ଚାୟତ ଗୁଣ୍ଠୁଣୀ ଗ୍ରାମର ବିଦେଶୀ ପ୍ରଧାନଙ୍କ ପୁଅ ପ୍ରଫୁଲ୍ଲ ପ୍ରଧାନ (୪୨) ନାଉ ଧୁଡୁକି ବଜାଇ କୁମାରୀ ଗାଁ ବୁଲିବୁଲି ମାଗଣ କରୁଥିବା ଦେଖିବାକୁ ମିଳିଥିଲା।

ଗହ୍ମା ପୂର୍ଣ୍ଣମୀ ସମୟରେ ଶବର ସମ୍ପ୍ରଦାୟର ଲୋକେ ଘୁମୁରା ବଜାଇ ମାଗଣ କରିଥା'ନ୍ତି। ସେହିପରି ନାଉ ଧୁଡୁକୀ ବଜାଇ ବହୁ ଲୋକ ଘରଘର ବୁଲି ମାଗଣ କରିଥା'ନ୍ତି। ଏବେ ଏହାର ସଂଖ୍ୟା ଅତି ନଗଣ୍ୟ। ଏହି ପୁରାତନ ଲୋକକଳା ସମ୍ପର୍କରେ ପ୍ରଫୁଲ୍ଲଙ୍କୁ ପଚାରିଲେ କୁହନ୍ତି, ପୂର୍ବରୁ ଆମ ଜେଜ, ବାପାଙ୍କ ଅମଳରୁ ସେମାନେ ଗାଁରେ ବୁଲି ନାଉ ଧୁଡୁକି ବଜାଇ ପରିବାର ପ୍ରତିପୋଷଣ କରୁଥିଲେ। ମୁଁ ସେହି ବୃତ୍ତି ଆପଣାଇଛି। ପ୍ରତିଦିନ ସକାଳ ୭ଟାରୁ ଘରୁ ବାହାରି ଯାଜପୁର ଜିଲ୍ଲାର ବିଭିନ୍ନ ଛକ, ବଜାର ସହିତ ଗାଁରେ ବୁଲି ନାଉ ଧୁଡୁକି ବଜାଇ ମାଗଣ କରିଥାଏ। ଏଥିରୁ ଯାହା ମିଳେ, କଷ୍ଟରେ ପରିବାର ପ୍ରତିପୋଷଣ ହୋଇଥାଏ। ଏହି ବୃତ୍ତିକୁ ଆପଣାଇ ଆଜିର ମହରଗ ବଜାରରେ ଚଳିବା କଷ୍ଟ। ସେଥିପାଇଁ ଅନେକ ପରିବାର ଏହି ବୃତ୍ତି ଛାଡ଼ିସାରିଲେଣି। ବର୍ଷାଦିନେ ଏହି ଧନ୍ଦା ଛାଡ଼ି ମୂଲ ଲାଗିବାକୁ ପଡ଼ିଥାଏ। ସେଥିରେ ପରିବାର ଚଳେ। ଆମ ପରେ ଆମ ଉତ୍ତର ପିଢି ଏହି ଲୋକକଳା ବଞ୍ଚାଇ ରଖିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଆଧୁନିକ ହାୱାରେ ଏବେ ପୁରାତନ ଲୋକକଳା ବିଲୁପ୍ତ ହେବାକୁ ବସିଛି। ଘୋଡ଼ା ନାଚ, ମୁଣ୍ଡପୋତା କେଳା, ଘଣ୍ଟ ପାଟୁଆ, ଦଣ୍ଡ ନାଚ, ମାଙ୍କଡ ନାଚ, ଘୁମୁରା ନାଚ, ଖଞ୍ଜଣି, ପାଲା, ଦାସକାଠିଆ, ବାଉଁଶ ରାଣୀ, ମୋଗଲ ତାମସା, ସାପୁଆ କେଳା, ଚକୁଳିଆ ପଣ୍ଡା, କେନ୍ଦରା ଗୀତ, କେଳା କେଲୁଣି ଗୀତ ଲୋପ ପାଇବାକୁ ବସିଲାଣି। ଏହି ଲୋକକଳା ଆମ ଲୋକ ଚଳଣି ସହିତ ବଞ୍ଚିରହିଥିଲା। ବିଭିନ୍ନ ପୂଜା ପର୍ବାଣୀରେ ଏହି ଲୋକକଳା ପ୍ରଦର୍ଶିତ ହୋଇଥାଏ। ଏବେ ଏହି ଲୋକକଳା କାଁ ଭାଁ ଦେଖିବାକୁ ମିଳୁଛି। ସରକାର କଳାକାର ଭତ୍ତା ପ୍ରଦାନ କରୁଛନ୍ତି ସତ ହେଲେ ଭତ୍ତା ପାଉଥିବା କଳାକାର ଏବେ ନିଜ କୌଳିକ ବୃତ୍ତି ଭୁଲି ଗଲେଣି। ପୁରାତନ ଲୋକକଳା ବଞ୍ଚାଇ ରଖିବାକୁ ହେଲେ ସରକାରଙ୍କ ପ୍ରୋତ୍ସାହନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଏହି ଲୋକକଳା ବଞ୍ଚି ରହିବ ବୋଲି ପ୍ରଫୁଲ୍ଲ କହିଛନ୍ତି।



# ପାହାଚ ପାର୍ଶ୍ୱରେ ନାହିଁ ବାଡ଼ା; ମରଣକୁ ଡାକୁଛି ରେବ୍ ନଦୀ ପୋଲ

ଅସୁରାଳି, ୩୦।୩(ସମିସ)

ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର ଗାଁରେ ରେବ ପୋଲରୁ ତଳକୁ ଗଡିବା ପାଇଁ ହୋଇଛି ପାହାଚ ନିର୍ମାଣ, ମାତ୍ର ଏହା ଲୋକଙ୍କ ଉପକାରରେ କମ୍, ଅଧିକ ବିପଦ ସାଜିଛି। ରେବ ପୋଲଟି ନଦୀ ଗର୍ଭରୁ ପ୍ରାୟ ୬୦ ଫୁଟ ଉପରେ ନିର୍ମିତ କରାଯାଇଛି ଏଣୁ ଜନସାଧାରଣଙ୍କ ସୁବିଧା ନିମନ୍ତେ ନଦୀକୁ ଯିବା ପାଇଁ ଗଡା ପ୍ରସ୍ତୁତ କରା ଯାଇଛି। ପାହାଚଗୁଡ଼ିକ ବହୁ ଉଚ୍ଚ ହୋଇଥିବାରୁ ବରିଷ୍ଠ ବ୍ୟକ୍ତି ନଦୀକୁ ଯିବା ପାଇଁ କଷ୍ଟ ଅନୁଭବ କରୁଛନ୍ତି, ଛୋଟ ଛୋଟ ପିଲା ମଧ୍ୟ ହଇରାଣ ହେଉଛନ୍ତି। ପୁଣି ପାହାଚରେ ବାଡ଼ା ନ ଥିବାରୁ ଲୋକମାନେ ପଡ଼ି



ଖଣ୍ଡିଆ ଖାବରା ହେଉଛନ୍ତି। ପାହାଚରୁ ପଡ଼ି କାହାର ଗୋଡ ତ କାହାର ହାତ ଭାଙ୍ଗିଲାଣି। ପୁଣି ଏହା ପୂର୍ବରୁ ୨ ଜଣଙ୍କର ମୃତ୍ୟୁ ମଧ୍ୟ ଘଟିଛି।

ବିଶେଷ କରି ଶୁଦ୍ଧିକର୍ମ ସମୟରେ ଲୋକମାନେ ଦଶାହ କ୍ରିୟାରେ ନଦୀକୁ ଆସି ସମସ୍ତେ ଶୁଦ୍ଧି ସ୍ନାନ କରିଥାନ୍ତି ମାତ୍ର ଗଡା ଯୋଗୁଁ ସମସ୍ତେ ନଦୀକୁ ଓହ୍ଲେଇବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ପୁଣି ବିସର୍ଜନ ତଥା ଭସାଣି ଉତ୍ସବ ଓ ଦେବାଦେବୀଙ୍କ ଘଟ ସ୍ଥାପନ ସମୟରେ ମଧ୍ୟ ବହୁ ଲୋକ ଖଣ୍ଡିଆଖାବରା ହୋଇଛନ୍ତି। ଏଣୁ ତୁରନ୍ତ ପାହାଚ ପାର୍ଶ୍ୱରେ ବାଡ଼ା ଓ ପାହାଚର ସଠିକ୍ ଉଚ୍ଚତାରେ ଅନ୍ୟ ପାହାଚ ନିର୍ମାଣ ନ କଲେ ଗ୍ରାମବାସୀ ପ୍ରତିବାଦ ବୋଲି ଚେତାବନୀ ଦେଇଛନ୍ତି।

# ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

ବାରିକପୁର, ୩୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ବରିକପୁର ସରକାରୀ ଉଚ୍ଚବିଦ୍ୟାଳୟରେ ୧୯୯୩ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ସହିତ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଗୟାଧର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପୁରସ୍ତମ ରାଉତ, ରମେଶଚନ୍ଦ୍ର ଦାସ, ପ୍ରେମାନନ୍ଦ ନାୟକ, ନିତ୍ୟାନନ୍ଦ ଦାସ, ରମେଶଚନ୍ଦ୍ର ପଣ୍ଡା, ଗୌରାଙ୍ଗ ଓଝା, ରାଜକିଶୋର ନାଥ, ରବିନ୍ଦ୍ର କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କୁ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧନା ଜଣାଇଥିଲେ। ପୁରାତନ ଛାତ୍ର ଜୟଦେବ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗ୍ରାମ ବିଶ୍ୱାଳ ଆଭିମୁଖ୍ୟ ପ୍ରଦାନ ଓ ଶଶିକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୯୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ହିମାଂଶୁ ଖିଲାର, ଶଶିକାନ୍ତ ବେହେରା, ଶରତଚନ୍ଦ୍ର ଜେନା, ଚନ୍ଦ୍ରଶେଖର ବେହେରା, ଉମାମଣି ମଲ୍ଲିକ, ରଞ୍ଜିତା ପତୀ, ପ୍ରିୟତମା ଜେନା, ପ୍ରକାଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ।



# ଭଦ୍ରକରେ ଫ୍ଲାଗ୍ମାର୍ଚ୍ଚ



ଭଦ୍ରକ, ୩୦।୩(ସମିସ): ପବିତ୍ର ଶ୍ରୀରାମ ନବମୀ ଓ ଇଦ ପର୍ବ ପାଳନ ପୂର୍ବରୁ ଭଦ୍ରକରେ ପୁଲିସ ପକ୍ଷରୁ ସନ୍ଧ୍ୟାରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହି ଦୁଇଟି ଉତ୍ସବକୁ ଭଦ୍ରକ ସହରରେ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ସହ ଭାଇଚାରା ରକ୍ଷା ଲକ୍ଷ୍ୟ ନେଇ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଭଦ୍ରକ ଟାଉନ ଥାନା ପରିସରରୁ ଏହି ଫ୍ଲାଗ ମାର୍ଚ୍ଚ ବାହାରି ଭଦ୍ରକ ସହର ଓ ପୁରୁଣା ବଜାର ଅଞ୍ଚଳ ପରିକ୍ରମା କରିଥିଲା। ପୁଲିସ ଓ ସିଆରପିଏଫର ଯବାନମାନେ ମିଳିତ ଭାବେ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ। ୮୦ ଯବାନ ଜିଲ୍ଲା ପୁଲିସ ସହିତ ମିଶି ଭଦ୍ରକରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଜାଗ ଥିବା ବାର୍ତ୍ତା ଦେବା ପାଇଁ ସହରର ବିଭିନ୍ନ ସ୍ଥାନରେ ଏହି ଫ୍ଲାଗ ମାର୍ଚ୍ଚ କରାଯାଉଛି ବୋଲି କମାଣ୍ଡର କହିଛନ୍ତି। ସେହିପରି ଶ୍ରୀରାମ ନବମୀ ଓ ଇଦ ପର୍ବ ପାଇଁ ଭଦ୍ରକରେ ୨୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବା ସହିତ ୧୫୦ରୁ ଅଧିକ ପୁଲିସ ଅଫିସର ଏବଂ ବିଏସଏଫ ଏବଂ ସିଆରପିଏଫ ଯବାନ ମୁତୟନ ହେବେ ବୋଲି ଅତିରିକ୍ତ ଏସପି ଅରୂପ ଅଭିଷେକ ବେହେରା କହିଛନ୍ତି।

# ଅନ୍ତ୍ୟୋଦୟ ଗୃହ ବଣ୍ଟନର ଶୁଭାରମ୍ଭ

ବାରିକପୁର, ୩୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଯୋଜନାକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ବ୍ଲକ ପରିସରରେ ବିଡିଓ ଦେବଦତ ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ନିର୍ବାଚନ

ତିହିଡ଼ି: ତିହିଡି ବ୍ଲକରେ ଜିଲ୍ଲାପାଳ ଦୀଲିପ ରାଉତରାଏ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଛନ୍ତି। ୭୦ଜଣ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଡିଓ ନିରଞ୍ଜନ ବାରିକ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଏବିଡିଓ ମାନସ ଜେନା, ବ୍ଲକ ପ୍ରୋଜେକ୍ଟ କୋଅଡିନେଟର କୌଶିକ ଗିରି, ତିହିଡି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ,



ମଣ୍ଡଳୀ ବିଜେପି ନେତା ସୁଧାଂଶୁ ନାୟକ, ସଂଘମିତ୍ରା ପଣ୍ଡା, ଗିରିଶ ଚନ୍ଦ୍ର ସାମଲ, ମଣ୍ଡଳ ସଭାପତି ତରଣୀ ସେନ ଜେନା, ପ୍ରଣବ ରାଉତ, ରଞ୍ଜନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୧୧ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସଞ୍ଜୀବ ବେହେରା, ପ୍ରଦୀପ ବଳ, ପୁଷ୍ପାଞ୍ଜଳି ଲେଙ୍କା, ମାମିନା ଜେନା, ରୀତାଞ୍ଜଳି ପଣ୍ଡା, ସୁପ୍ରଭା ପାଣି, ଚକ୍ରଧର ଦାସ, ଉଦ୍ଧବ ନାୟକ, ଦିପ୍ତିମୟୀ ନାୟକ, ରଘୁନାଥ ପାତ୍ର, ରାଜାରାମ ମହାକୁଡ, ଯୁବନେତା ଉମାକାନ୍ତ ଦାସ, ସରୋଜ ନାୟକ, ଯୁବନେତା ସାଇଶରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ରକ୍ଷାକାଳୀଙ୍କ ବାର୍ଷିକ ଉତ୍ସବ

ଦୋବଲ,୩୦।୩(ସମିସ): ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗାଁର ବହୁ ପୁରାତନ ମା' ରକ୍ଷାକାଳୀଙ୍କ ବାର୍ଷିକ ଉତ୍ସବ ଦୁଇଦିନ ବ୍ୟାପୀ ପାଳିତ ହୋଇଛି। ଶନିବାର ସନ୍ଧ୍ୟାରେ ନିକଟସ୍ଥ ଗେଙ୍ଗୁଟି ନଦୀରୁ ଘଟୋତ୍ତଳନ ପରେ ଗ୍ରାମ ପରିକ୍ରମା କରାଯାଇ ପୀଠ ମଣ୍ଡପରେ ଘଟ ସ୍ଥାପନା କରାଯାଇଥିଲା। ୬ ଜଣ ବ୍ରାହ୍ମଣଙ୍କ ଦ୍ୱାରା ମା'ଙ୍କ ମୁଖ୍ୟ ପୂଜା, ଚକ୍ଷୁଦାନ, ବ୍ରହ୍ମ ମୁହୂର୍ତ୍ତରେ ଯଜ୍ଞ, ସ୍ନାନ, ବଡ଼ ଭୋଗ, ଆଳତି ଆଦି କରାଯାଇଥିଲା। ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇ ଘଣ୍ଟଘଣ୍ଟା ବଜାଇ ଗେଙ୍ଗୁଟି ନଦୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ପ୍ରତ୍ୟକ୍ଷ ଦେବୀ ମା' ରକ୍ଷାକାଳୀ ଶହ ଶହ ବର୍ଷ ତଳରେ ଜଣେ ଜମିଦାରଙ୍କ ପୂଜାରେ ପ୍ରସନ୍ନ ହୋଇ



ସୁଦୂର ବଙ୍ଗଳାରୁ ରାମେଶ୍ୱରପୁର ପୀଠରେ ପହଞ୍ଚିଥିଲେ। ଆଉ ସେବେଠାରୁ ମା'ଙ୍କର ବାର୍ଷିକ ଉତ୍ସବକୁ ସ୍ଥାନୀୟ ଲୋକେ ଓ କମିଟି ମେମ୍ବର ବହୁ ଧୁମଧାମରେ ପାଳନ କରିଆସୁଛନ୍ତି। ମା' ଙ୍କ ନିକଟରେ ଗୋଟା ଗୁଆ ରଖି ପୂଜା କଲେ ଭକ୍ତଙ୍କ ମନସ୍କାମନା ପୁରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଚଳିତ ବର୍ଷ ମା' ରକ୍ଷାକାଳୀଙ୍କ ଦର୍ଶନ ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବା ପାଇଁ ମିଳିଥିଲା। ସୁରକ୍ଷା ପାଇଁ ଧାମନଗର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ପୀଠରେ ବରିଷ୍ଠନେତା ଅଶୋକ ପୁହାଣ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ପ୍ରାକ୍ତନ ଜିଲ୍ଲା ପରିଷଦ ମନୋଜ ମଲ୍ଲିକ, ଅରବିନ୍ଦ ପତି, ପ୍ରତାପ ସାମଲ, ଭାରତବିଜୟ ଦଳାଇ, ସୁଶାନ୍ତ ରାଉତ, ସରପଂଚ ରଞ୍ଜିତ ଯେନା, ବିରଜା ପ୍ରସନ୍ନ ରାଉତ, ତପ୍ତଦର୍ଶୀ ମହାନ୍ତିଙ୍କ ସହ ବହୁ ରାଜନୈତିକ ବ୍ୟକ୍ତି ବିଶେଷ ଦର୍ଶନ କରିଥିଲେ।

# ବିଜୟ ରାଏ ମହାପାତ୍ରଙ୍କ ସ୍ମୃତିସଭା



ଧାମନଗର,୩୦।୩(ସମିସ): ଧାମନଗର ଏନଏସି ବ୍ଲକ କଲୋନୀର ସମାଜସେବୀ ସ୍ୱର୍ଗତ ବିଜୟରାଏ ମହାପାତ୍ରଙ୍କ ଏକଦଶାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶରତଚନ୍ଦ୍ର ମହାନ୍ତି, ଅଧ୍ୟାପକ ଚିତରଞ୍ଜନ ଦାଶ, ସୋମନାଥ ଓଝା, ଶିକ୍ଷକ ମନୋଜ ସିଂହ, ମହେଶ୍ୱର ସ୍ୱାଇଁ, ବିଜେପି ନେତା କୈଳାଶ ମହାପାତ୍ର, ସରୋଜ ମହାପାତ୍ରଙ୍କ ସମେତ ଅନ୍ୟମାନେ ସ୍ମୃତିଚାରଣ କରିଥିଲେ। ମା' ବାସନ୍ତୀ ଦୁର୍ଗା ଓ ମା' ମନ୍ତ୍ର ବାସିନୀ ଅନୁଷ୍ଠାନରେ ତାଙ୍କର ଯୋଗଦାନ ଓ ଅବଦାନ ଚିରସ୍ମରଣୀୟ ବୋଲି ସ୍ମୃତିଚାରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁଅ ବିସ୍ମୟ ରାୟ ମହାପାତ୍ର ଓ ଝିଅ ଶ୍ରାବଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଯୁବ ଆଇନଜୀବୀ ଦେବବ୍ରତ କାର୍ଯ୍ୟକାରୀ ସଭ୍ୟ ନିର୍ବାଚିତ

ଭଦ୍ରକ, ୩୦।୩(ସମିସ): ଭଦ୍ରକ ଓକିଲ ସଂଘ ନିର୍ବାଚନରେ କାର୍ଯ୍ୟକାରୀ ସଭ୍ୟ ଭାବେ ବିଜୟୀ ହୋଇଛନ୍ତି ଯୁବ ଆଇନଜୀବୀ ଦେବବ୍ରତ ମହାପାତ୍ର। ଶ୍ରୀ ମହାପାତ୍ର ହେଉଛନ୍ତି ଭଦ୍ରକ ଓକିଲ ସଂଘର ପୂର୍ବରୁ ୪ ଥର ସଭାପତି ଓ ୨ ଥର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଦିଲୀପ ମହାପାତ୍ରଙ୍କ ପୁତ୍ର। ଭଦ୍ରକ ଓକିଲ ସଂଘ ନିର୍ବାଚନରେ ବିଜୟୀ ହୋଇଥିବା ଶ୍ରୀ



ମହାପାତ୍ର ତାଙ୍କ ପିତାଙ୍କ ଆଶୀର୍ବାଦ ଓ ଆଇନଜୀବୀମାନଙ୍କ ସହଯୋଗକୁ ପାଥେୟ କରି ନିର୍ବାଚିତ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି।

# ଧାମନଗର ରାମଦୟା ପରିଷଦର ବାର୍ଷିକ ଉତ୍ସବ

ଧାମନଗର,୩୦।୩(ସମିସ): ଧାମନଗର ରାମଦୟା ପରିଷଦ ପକ୍ଷରୁ ୪୬ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିବା ବେଳେ ଏହା ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦଘାଟନ ଉତ୍ସବରେ ପାରାୟଣ, ପ୍ରବୋଚନ ଓ ଜ୍ଞାନ, ଯଜ୍ଞ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବ୍ୟାସ ବାଳକ ରାମ ଦାସ ଭଳି ପ୍ରବଚକ ଯୋଗ ଦେଇଥିଲେ। ଉଦଘାଟନ ଉତ୍ସବରେ ଅତିଥି ଭାବେ ସମାଜସେବୀ କୈଳାଶ ମହାପାତ୍ର, ସରୋଜ ମହାପାତ୍ର, ସୁଶାନ୍ତ ରାଉତ, ପ୍ରଶାନ୍ତ ପରିଡ଼ା, ଆଇନଜୀବୀ ବିଜୟ ରାମ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ପ୍ରଦୀପ ମହାପାତ୍ର, ସରୋଜ ସେଠୀ, ପ୍ରମୋଦ ସ୍ୱାଇଁ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ସମେତ ରାମଦୟା ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶହ ଶହ ଭକ୍ତ ଯୋଗଦେଇ ରାମ କଥା ଶୁଣିବାର ସୌଭାଗ୍ୟ ଅର୍ଜନ କରିଥିଲେ।

# ବିରଳ ପକ୍ଷୀ ଉଦ୍ଧାର

ବାରିକପୁର,୩୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ରଣଜିତ୍ ପଞ୍ଚାୟତ ମାଳୀପଦି ନିକଟସ୍ଥ ଚାଷ ଜମିରୁ ଏକ ବିରଳ ପକ୍ଷୀ ଉଦ୍ଧାର ହୋଇଛି। ଗ୍ରାମର ଜଣେ ବ୍ୟକ୍ତି ବିଲରୁ ଛେଳି ଆଣିବାକୁ ଯାଇଥିବା ବେଳେ ବିରଳ ପକ୍ଷୀଟି ଚାଷ ଜମିରେ ପଡ଼ିଥିବା ଦେଖିଥିଲେ। ବ୍ୟକ୍ତି ଜଣଙ୍କ ଆହତ ଅବସ୍ଥାରେ ପଡ଼ିଥିବା ପକ୍ଷୀକୁ ଉଦ୍ଧାର କରିବା ପରେ ଗାଁକୁ ଆଣି ତାର ସେବା ଶୁଶ୍ରୁଷା କରିଥିଲେ।



ଏହାପରେ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଖବର ଦିଆ ଯାଇଥିଲା। ଉଦ୍ଧାର ହୋଇଥିବା ପକ୍ଷୀଟି ଗରୁଡ ଜାତୀୟ ବୋଲି ଅନୁମାନ କରାଯାଉଛି।

# ୨ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ



ତିହିଡି,୩୦।୩(ସମିସ): ତିହିଡି ବ୍ଲକ ପକ୍ଷରୁ ୨ ଜଣ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ କରାଯାଇଛି। ବାରସର ପଞ୍ଚାୟତର ଶାନ୍ତିଲତା ବିଶ୍ୱାଳଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିବା ବେଳେ ତଳଗୋପବିନ୍ଧା ପଞ୍ଚାୟତର ସୁରଥ ଜେନାଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ନିରଞ୍ଜନ ବାରିକ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ସମେତ ବ୍ଲକର ଅନ୍ୟ ଅଧିକାରୀ ତଥା ବିଭିନ୍ନ ସରପଞ୍ଚଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ଜୀବିକା ମିଶନ ଶୁଭ ଉଦ୍ଘାଟନ



ବନ୍ତ/ଆଗରପଡ଼ା,୩୦।୩(ସମିସ): ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ସମିତି ପରିସରରେ ରବିବାର ମିଶନ ଶକ୍ତି କାଫେ କିଓସ୍କ ମଡେଲ, ବନ୍ତ ଓଡ଼ିଶା ଜୀବିକା ମିଶନର ଶୁଭ ଉଦ୍ଘାଟନ ହୋଇଯାଇଛି। ଉତ୍ସବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଉପାଧ୍ୟକ୍ଷ ପ୍ରଗତିବାଳା ସ୍ୱାଇଁ, ବିଡିଓ ନିଶିକାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

# ଆଗରପଡ଼ାରେ ଗଣଦୌଡ଼



ବନ୍ତ/ଆଗରପଡ଼ା, ୩୦।୩(ସମିସ): ରବିବାର ଆଗରପଡ଼ା ପାରମ୍ପରିକ ଶ୍ରୀରାମ ନବମୀ ସମିତି ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କୁଆଁସମଡ଼ିଆ ଛକଠାରୁ ଏହି ଏକତା ଦୌଡ଼ ବାହାରି ଆଗରପଡ଼ା ମୁଖ୍ୟ ବଜାର, କଲେଜ ଛକ, ଗଡ଼ଗଡ଼ି ଛକ, ଲକ୍ଷ୍ମୀବଜାର, ତାରିଣୀ ଛକ ପରିକ୍ରମା କରି ମେଳଣ ପଡ଼ିଆସ୍ଥିତ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲା। ଭାରତର ଅଖଣ୍ଡତା ଓ ଏକତା ସଂପର୍କରେ ବିଭିନ୍ନ ସ୍ଲୋଗାନମାନ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପ୍ରାରମ୍ଭରେ ଏହି ଗଣଦୌଡ଼କୁ ପାରମ୍ପରିକ ଭାବେ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଟିପୁର, ବଡ଼ମହିଁଷଗୋଠ, ପୁରୁଷଣ୍ଡ, ନୂଆପୋଖରୀ, ମୁଣ୍ଡଳୀ, କାଣ୍ଡବା, ଟିକିରା, ମହାନ୍ତିପଡ଼ା ଆଦି ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଆସି ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସଭାପତି ତୃପ୍ତିରଞ୍ଜନ ଦାଶ, ସମ୍ପାଦକ ବାବୁରାମ ବେହେରା, ଉପଦେଷ୍ଟା ଜ୍ଞାନଚାନ୍ଦ ଗୁପ୍ତା, ଭାସ୍କର ଦାସ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଅମୂଲ୍ୟରତ୍ନ ନନ୍ଦ, ନିରୋଜ ଆଇଚ, ଜିତେନ୍ଦ୍ର ଶତପଥୀ, ସୁଶାନ୍ତ ଦାସ, ସତ୍ୟସାଧନ ବେଜ ପ୍ରମୁଖ ଏହି ଗଣଦୌଡ଼ରେ ସାମିଲ ଥିଲେ।

# ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

ଧାମନଗର, ୩୦।୩(ସମିସ)

ପବିତ୍ର ରମଜାନ ମାସ ଉପଲକ୍ଷେ ଧାମନଗର ଏନଏସି ଅନ୍ତର୍ଗତ ୪ ନମ୍ବର ୱାର୍ଡ ମୁନସିପାଣା ବାରିକସାହି ପଡିଆଠାରେ ସାବନ ଟ୍ରାଭେଲସ କ୍ଲବ ତରଫରୁ ଦୀର୍ଘ ୧ ମାସଧରି ଚାଲିଥିବା ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଶନିବାର ରାତି ୧୧ଟାରେ ଏନଏସି ଅଧୀନରେ ଥିବା କାଜିସାହି ଗ୍ରାମ ଏବଂ ଜଗତି ଗ୍ରାମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସେକ ସାବନ ଶାହାଙ୍କ ସଞ୍ଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବରେଣ୍ୟ



ଅତିଥି ଭାବେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ସ୍ଥାନୀୟ କାଉନସିଲର ଏମଡି ଜୟନୁଲ ହକ୍, ବିଜେଡି ନେତା ସେକ ରୋସ୍ତମ (ବାଟୋ) ସେକ ସୈଫୁଦ୍ଦିନ, ଯୁବନେତା ସଂଜୀବ ମଲ୍ଲିକ, ସାମ୍ବାଦିକ ସେକ ଜାଫର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଅତିଥିଙ୍କ ଦ୍ୱାରା ବିଜୟ ଓ ରନ୍ ଅପ ଦଳକୁ ଚେକ୍ ସହିତ କପ ଓ ଟ୍ରଫି ପ୍ରଦାନ କରିଥିଲେ। ଏମଡି ଫୈଜୁଲ ଓରା, ସେକ ବାବୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସେକ ରାଜନ୍, ସେକ ରଫିକ ସେକ ସାଜନ,ଧନ ବାରିକ,ସାଧୁ ବାରିକ ପ୍ରମୁଖ ସହଯୋଗ କରିଥିଲେ।

